୬ ଲର୍ଡସ୍ ଗ୍ରାଉଣ୍ଡରେ ଡନ୍ ବ୍ରାଡ୍‌ମ୍ୟାନଙ୍କ ୧୪୧ ବର୍ଷର ରେକର୍ଡ ଭାଙ୍ଗିଲେ ଷ୍ଟିଭ୍ ସ୍ମିଥ୍





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୪ ● ୧୨ ଜୁନ୍ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-134 ● 12th June 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DADLS-29

ଓଡ଼ିଶା ଶାସନ

# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

ଗ୍ରାମ ଗୁଡିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

ଅଦ୍ୟାବଧୀ ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0683/2526

୬ ଆରସିବି ଟିମ୍ କିଣିବେ ଡିକେ ଶିବକୁମାର !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
E-mail : sambadkalikanews@gmail.com
The Sambad Kalika
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୧୩୪ ● ୧୨ ଜୁନ୍ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-134 ● 12th June 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

DADLS-30
ବର୍ଷ ଏକ ଉପଲବ୍ଧି ଅନେକ
ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା
• ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
• ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
• ୭ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ



OIPR-15001/13/0689/2526

## ବଡ଼ଦାଣ୍ଡ ଲୋକାରଣ୍ୟ

# ହାତୀବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



**ପୁରୀ, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀ ଧାମ ଚଳଚଞ୍ଚଳ। ବଡଦାଣ୍ଡ ଲୋକାରଣ୍ୟ। ଅନୁକୂଳ ପାଗ ମଧରେ ବୁଧବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ ଶ୍ରୀଜୀଉଙ୍କ ଦିବ୍ୟସ୍ନାନ ପରେ ହାତୀବେଶ ରିତୀନୀତି ଅନୁସାରେ ସମ୍ପନ୍ନ ହୋଇଛି। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କର ଏହି ହାତିବେଶ ଦର୍ଶନ କରି ବିଭୋର ହୋଇଛନ୍ତି। ବୁଧବାର ପ୍ରତ୍ୟୁଷରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ଓ ଅନ୍ୟନୀତି ସମ୍ପନ୍ନ ହେଲା ପରେ ରତ୍ନ ସିଂହାସନରୁ ଓହ୍ଲାଇ ଆସିଥିଲେ ଚତୁର୍ଦ୍ଧା ମୂର୍ତ୍ତି । ଆରମ୍ଭ ହୋଇଥିଲା ପହଣ୍ଡି । ଘଣ୍ଟଘଣ୍ଟା ନାଦରେ ପ୍ରକମ୍ପିତ ହୋଇଉଠିଥିଲା ପରିବେଶ । ଦୂରରୁ ଦାରୁବ୍ରହ୍ମଙ୍କ ଦର୍ଶନ ପାଇବା ମାତ୍ରେ ଉଲ୍ଲସିତ ହୋଇ ଉଠିଥିଲେ ଭକ୍ତ । ଝୁଲିଝୁଲି ସ୍ନାନବେଦିରେ ବିଜେ (ପୃଷ୍ଠା ୭ରେ)

### ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ବୁଧବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ରାଜ୍ୟବାସୀଙ୍କ ମଙ୍ଗଳ ସହ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ । ମହାପ୍ରଭୁଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖୀ ଓ ମଙ୍ଗଳମୟ ହେଉ ବୋଲି ଏହାହିଁ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ରଥ ଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସର୍କିଟ ହାଉସ ଠାରେ ବିଶ୍ୱ ଓଡ଼ିଆ ପରିବାର (ପୃଷ୍ଠା ୭ରେ)

## ୬୪୦୫ କୋଟିର ୨ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ



**ନୂଆଦିଲ୍ଲୀ, ୧୧/୦୬**

କେନ୍ଦ୍ର କ୍ୟାବିନେଟ ରେଳ ମନ୍ତ୍ରଣାଳୟର ମୋଟ ୬ ହଜାର ୪୦୫ କୋଟି ଟଙ୍କାର ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୩ ହଜାର ୬୩ କୋଟି ଟଙ୍କା ବ୍ୟୟରେ କୋଡରମା-ବରକାକାନା ରେଳ ଲାଇନର ଦୋହରୀକରଣକୁ ମଞ୍ଜୁରୀ ଦିଆଯାଇଥିବା ବେଳେ ୩୩୪୨ କୋଟି ଟଙ୍କା ବ୍ୟୟରେ ବଲ୍ଲାରୀ-ଚିକଜାଜୁର ରେଳ ଲାଇନର ଦୋହରୀକରଣକୁ ମଞ୍ଜୁରୀ ଦିଆଯାଇଛି । କ୍ୟାବିନେଟ ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୧୩୩ କିଲୋମିଟର କୋଡରମା-ବରକାକାନା ଦୋହରୀକରଣ ପ୍ରକଳ୍ପ ୯୩୮ଟି ଗ୍ରାମ ଏବଂ ୧୫ ଲକ୍ଷ ଜନସଂଖ୍ୟାକୁ ଉନ୍ନତ ସଂଯୋଗ ପ୍ରଦାନ କରିବ। ସେ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଝାଡ଼ଖଣ୍ଡର ଚାରୋଟି ଜିଲ୍ଲା କୋଡରମା, ଚତରା ହଜାରିବାଗ ଏବଂ ରାମଗଡ଼କୁ ଯୋଡ଼ିବ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ପ୍ରକଳ୍ପ ଝାଡ଼ଖଣ୍ଡର ଏକ ପ୍ରମୁଖ କୋଇଲା ଉତ୍ପାଦନ କ୍ଷେତ୍ର ଦେଇ ଯିବ।

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଦ୍ୱିତୀୟ ପ୍ରକଳ୍ପ ବଲ୍ଲାରୀ-ଚିକଜାଜୁର ଦ୍ୱିଗୁଣିତ ରେଳ ଲାଇନ ୧୮୫ କିଲୋମିଟର ବିଶିଷ୍ଟ ଯାହା ମଙ୍ଗାଲୋର ବନ୍ଦରକୁ ସିକନ୍ଦରାବାଦ ସହିତ ସଂଯୋଗ କରିବ। ସେ କହିଛନ୍ତି, ଏହି ପ୍ରକଳ୍ପ ଲାଇନ କର୍ଣ୍ଣାଟକର ବଲ୍ଲାରୀ ଏବଂ ଚିତ୍ରଦୁର୍ଗ ଜିଲ୍ଲା ଓ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ଦେଇ ଯିବ। ଶ୍ରୀ ବୈଷ୍ଣବ କହିଥିଲେ ଯେ ଏହି ପ୍ରକଳ୍ପ ଲୁହା, କୋଇଲା, ଇସ୍ପାତ ଏବଂ ସାରର ପରିବହନକୁ ପୂରଣ କରିବ।

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ପ୍ରକଳ୍ପ ତିନି ବର୍ଷ ମଧ୍ୟରେ ଶେଷ ହେବ। ଝାଡ଼ଖଣ୍ଡ, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶର ସାତଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଏହି ଦୁଇଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୩୧୮ କିଲୋମିଟର ବୃଦ୍ଧି କରିବ। ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ଫଳସ୍ୱରୂପ ଭାରତୀୟ ରେଳବାଇ ପାଇଁ ପରିଚାଳନା ଦକ୍ଷତା ଏବଂ ସେବା ବିଶ୍ୱସନୀୟତାରେ ଉନ୍ନତି ହେବ। ଏହା ୨୮ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏକ ହଜାର ଚାରି ଶହରୁ ଅଧିକ ଗ୍ରାମକୁ ସଂଯୋଗ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୧୦୮ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି କରିବ। କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ପାଇଁ ୪ ଲକ୍ଷ ୫୮ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି । ସେ କହିଥିଲେ, ପରିବହନ କ୍ଷେତ୍ରରେ ପୁଞ୍ଜି ନିବେଶ କାରଣରୁ ଲଜିଷ୍ଟିକ୍ସ ଖର୍ଚ୍ଚ ୪ ପ୍ରତିଶତ ହ୍ରାସ ପାଇଛି।

### ଆଧାର କାର୍ଡ ନଥିଲେ ବି ସ୍କୁଲରେ ଆଡମିସନ୍ କରିପାରିବେ

**ଭୁବନେଶ୍ୱର ୧୧।୬**
**ନ୍ୟୁଜ ବ୍ୟୁରୋ**

ଆଧାର କାର୍ଡ ନଥିଲେ ସ୍କୁଲରେ ହେବ ଆଡ଼ମିସନ । ପରବର୍ତ୍ତୀ ସମୟରେ ଆଧାର କାର୍ଡ କରି ସ୍କୁଲରେ ଦାଖଲ କରିପାରିବେ ଛାତ୍ରଛାତ୍ରୀ । ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଯେଉଁ ପିଲାଙ୍କର ଆଧାର (ପୃଷ୍ଠା ୭ରେ)

### ନକ୍ସଲ ମୁକ୍ତ ହେବ ଭାରତ, ଟାର୍ଗେଟ୍ ହାସଲ ଦିଗରେ ସୁରକ୍ଷା ବାହିନୀ

**ଗଡ଼ଚିରୋଲି, ୧୧/୬**

ପ୍ରଥମ ଥର ପାଇଁ ନକ୍ସଲ ଦମନ ଅପରେସନରେ ଦେଶର ସର୍ବାଧିକ ପ୍ରଶିକ୍ଷିତ କମାଣ୍ଡୋ ଏନ୍‌ଏସ୍‌ଜି (ନ୍ୟାସନାଲ ସିକ୍ୟୁରିଟି ଗାର୍ଡ)ଙ୍କୁ ସାମିଲ କରାଯାଇଛି । ପୂର୍ବରୁ ଏପରି କୌଣସି ଗରିଲା ଯୁଦ୍ଧରେ ଏନ୍‌ଏସ୍‌ଜି କମାଣ୍ଡୋଙ୍କୁ ମୁତୟନ କରାଯାଇ ନଥିଲା । ଏନ୍‌ଏସ୍‌ଜିର ଏକ ଟିମ୍ ମହାରାଷ୍ଟ୍ରର ସର୍ବାଧିକ ନକ୍ସଲ ଉପଦ୍ରୁତ ଅଞ୍ଚଳ ଗଡ଼ଚିରୋଲିରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ଏନ୍‌ଏସ୍‌ଜି ଡିଜି ବ୍ରିଘୁ ଶ୍ରୀନିବାସନ କହିଛନ୍ତି, ନକ୍ସଲ ବିରୋଧୀ ଅପରେସନରେ ରାଜ୍ୟ ପୁଲିସ ଓ (ପୃଷ୍ଠା ୭ରେ)



## ଯାଜପୁର ଜିଲ୍ଲାରେ ଯୁଦ୍ଧକାଳୀନ ସ୍ୱାସ୍ଥ୍ୟସେବା

### ରାଜ୍ୟ ସ୍ତରରୁ ରାପିଡ୍ ଆକ୍ସନ୍ ଟିମ୍ ଏବଂ ଅଧିକ ବିଶେଷଜ୍ଞ ମୃତୟନ

**ଭୁବନେଶ୍ୱର, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଝାଡାବାନ୍ତି ରୋଗର ଚିକିତ୍ସା ଓ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ରସ୍ତରୀୟ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ



ଜନସ୍ୱାସ୍ଥ୍ୟ ଟିମ୍ ମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି । ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଏବଂ ଜନ ସ୍ୱାସ୍ଥ୍ୟସେବା ଟିମ୍ ମାନେ ସମନ୍ୱିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମକୁ ସଘନ ଓ ଲକ୍ଷଭେଦୀ କରିଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । (ପୃଷ୍ଠା ୭ରେ)

### କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୭ ହଜାର ପାର୍

**ନୂଆଦିଲ୍ଲୀ, ୧୧/୦୬**

ଦେଶରେ ବଢୁଛି କରୋନା ପଜିଟିଭଙ୍କ ସଂଖ୍ୟା । କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୭ ହଜାର ପାର୍ ହୋଇଛି । ବୁଧବାର ସୁଦ୍ଧା ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ, ୩୦୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେରଳରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କର୍ଣ୍ଣାଟକରେ ଦୁଇ ଜଣ, ମହାରାଷ୍ଟ୍ରରେ ଜଣଙ୍କର ମୃତ୍ୟୁ (ପୃଷ୍ଠା ୭ରେ)

### ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ



**ଭୁବନେଶ୍ୱର ୧୧/୦୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ (ପୃଷ୍ଠା ୭ରେ)

### ହଟିଲା ସମସ୍ତ କଟକଣା, ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ

**ଭୁବନେଶ୍ୱର ୧୧।୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ହଟିଲା ପାର୍ଟ ପ୍ଲଟ୍ ବିକ୍ରି ପାଇଁ ସମସ୍ତ କଟକଣା । ଏ ନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି, ପାର୍ଟ ପ୍ଲଟ୍ ବିକ୍ରି ପାଇଁ ସଂପୂର୍ଣ୍ଣ ବାଟ ବନ୍ଦ ଥିଲା । ଝିଅ ବାହାଘର, ଉଚ୍ଚ ଶିକ୍ଷା ପାଇଁ ଯାହାର ଜମି ବିକିବା ଛଡା ଅନ୍ୟ କିଛି ବାଟ ନଥିଲା ସେମାନେ ହଇରାଣ ହେଉଥିଲେ । ଏବେ ୫ ହଜାର ୨୦୦ ବର୍ଗଫୁଟ ପାର୍ଟ ପ୍ଲଟ୍ ବିକିବା ପାଇଁ ସମସ୍ତ କଟକଣା ହଟିଲା । ପ୍ଲଟିଂ କରି ବିକୁଥିଲେ ଲେଆଉଟ ପ୍ରସ୍ତୁତ କରିବାକୁ ପଡିବ । ୯ ମିଟର ରାସ୍ତା ଛାଡ଼ି ବିକିବାକୁ ହେବ । ଡ୍ରେନ୍, ପାର୍କିଂ, ଓପନ ପ୍ଲେସ୍ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ରଖିଲେ ଆଉଟ କରି ବିଡିଏ କିମ୍ବା ଗ୍ରାମାଞ୍ଚଳରେ ବିଡ଼ିଓଙ୍କ ନିକଟରେ ଦାଖଲ (ପୃଷ୍ଠା ୭ରେ)

### ୪ ଅଧିକାରୀଙ୍କୁ ନିଲମ୍ବନ କଲେ ରେଳମନ୍ତ୍ରୀ

**ନୂଆଦିଲ୍ଲୀ, ୧୧/୦୬**

ତ୍ରିପୁରାରୁ କଶ୍ମୀରକୁ ଡ୍ୟୁଟି ପାଇଁ ଯାଉଥିବା ବିଏସ୍‌ଏଫ୍ କର୍ମଚାରୀଙ୍କୁ ଅନୁପଯୁକ୍ତ ଏବଂ ପୁରୁଣା ଟ୍ରେନ୍ ଯୋଗାଇ ଦେଇଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆଲିପୁରଦୁଆର ଡିଭିଜନର ଚାରି ଜଣ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି । ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ତିନି ଜଣ ବରିଷ୍ଠ ସେକ୍ସନ (ପୃଷ୍ଠା ୭ରେ)

# ପ୍ରଥମେ ସୁରକ୍ଷା, ପରେ ଲଞ୍ଚ୍



**ହାଇଦ୍ରାବାଦ, ୧୧/୦୬**

ଭାରତର ପ୍ରଥମ ଘରୋଇ ମହାକାଶଚାରୀ ମିଶନ ଆକ୍ସିଓମ୍-୪ ମାଧ୍ୟମରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ପହଞ୍ଚିବା ବିଳମ୍ବ ହୋଇଛି। ନିୟମିତ ଯାଞ୍ଚ ସମୟରେ ତରଳ ଅମ୍ଳଜାନ ଲିକ୍ ଜଣାପଡ଼ିବା ପରେ ସ୍ପେଶଏକ୍ସର ଫାଲକନ୍-୯ ରକେଟ୍‌ରେ ପୂର୍ବରୁ ଜୁନ ୧୧, ୨୦୨୫ରେ ଉତ୍ତକ୍ଷେପଣ ତାରିଖ ସ୍ଥିର କରାଯାଇଥିଲା । ଏହି ବିଳମ୍ବ ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ବହୁ ପ୍ରତୀକ୍ଷିତ ଅଭିଯାନକୁ ସ୍ଥଗିତ ରଖିଛି। ବାରମ୍ବାର ସ୍ଥଗିତ ହେବା ପରେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ଇସ୍ରୋ ମୁଖ୍ୟ ।

ରାକେଶ ଶର୍ମାଙ୍କ ପରେ, ଗଗନ ଯାତ୍ରୀ ଶୁଭାଂଶୁ ଶୁକ୍ଳା ମହାକାଶରେ ଭାରତର ଦ୍ୱିତୀୟ ମହାକାଶଚାରୀ ହେବାକୁ ଯାଉଛନ୍ତି । ଆଇଏସ୍‌ଏସ୍‌କୁ ଯାଉଥିବା ଆକ୍ସିଓମ୍-୪ ମିଶନର ଅନ୍ତର୍ଜାତୀୟ କ୍ରୁର ଅଂଶ ଭାବରେ ଶୁଭାଂଶୁ ଶୁକ୍ଳାଙ୍କୁ ମନୋନୀତ କରାଯାଇଥିଲା । ଏହି ମିଶନ ସ୍ପେଶଏକ୍ସ, ଇସ୍ରୋ ଏବଂ ଆମେରିକା-ଭିତ୍ତିକ ଘରୋଇ ମହାକାଶ କମ୍ପାନୀ ଆକ୍ସିଓମ୍ ସ୍ପେଶ ମଧ୍ୟରେ ଏକ ଐତିହାସିକ ସହଭାଗୀତାକୁ ଚିହ୍ନିତ କରୁଛି । ଫାଲକନ-୯ର ବୁଷ୍ଟର ପର୍ଯ୍ୟାୟରେ ଏଲ୍‌ଓଏକ୍ସ ଲିକ୍ ହେବା ଘଟଣାକୁ ସତର୍କତାର ସହ ସମାଧାନ ନହେବା ପର୍ଯ୍ୟନ୍ତ ଇସ୍ରୋ ଲଞ୍ଚକୁ ସ୍ଥଗିତ ରଖିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଛି । ମହାକାଶ ବିଭାଗର ସଚିବ ଏବଂ ଇସ୍ରୋର ଅଧ୍ୟକ୍ଷ ଭି (ପୃଷ୍ଠା ୭ରେ)

### ଆଗାମୀ ୭ ଦିନ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ସପ୍ତାହେ ବର୍ଷିବ। ଏନେଇ ବୁଧବାର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗୁରୁବାର ଠାରୁ କମିବ ଖରା। ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ୧୪ ତାରିଖ ପରେ ରାଜ୍ୟରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ହେବ । ବିଜୁଳି ଘଡଘଡି ସହ ବର୍ଷା ଲାଗି ରହିବ । ସେହିପରି ରାଜଧାନୀର ବିଭିନ୍ନ ସ୍ଥାନରେ ବୁଧବାର ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଛି ।

ସୂଚନାଯୋଗ୍ୟ ଯେ, ଗୁରୁବାର ଠାରୁ ମୌସୁମୀ ପୁଣି ଥରେ ସକ୍ରିୟ ହୋଇବ । ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ମୌସୁମୀ ସକ୍ରିୟ ହେବା ସହ କର୍ଣ୍ଣାଟକ ଓ କୋଙ୍କଣ-ଗୋଆରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ୧୨ ପରେ ଓଡ଼ିଶାରେ ବି ମୌସୁମୀ ବର୍ଷା ଆରମ୍ଭ ହୋଇଯିବ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁଙ୍କ ଆକଳନ କହୁଛି, ଘୂର୍ଣ୍ଣିବଳୟ ପ୍ରଭାବରେ ୧୩ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଦକ୍ଷିଣ ଓଡ଼ିଶା ଓ ଉପକୂଳ ଓଡ଼ିଶା ସମେତ ଅନ୍ୟ ସ୍ଥାନରେ ବର୍ଷା ହୋଇପାରେ। ତେବେ ୧୨ତାରିଖ ପରେ ମୌସୁମୀ ପୁଣି ସକ୍ରିୟ ହେବା ସହ ବର୍ଷା ଆରମ୍ଭ ହୋଇଯିବ। ୧୬ ଓ ୧୭ ତାରିଖରେ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ବୋଲି ସେ କହିଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଉତ୍ତର (ପୃଷ୍ଠା ୭ରେ)

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ୧୦% ବଢିଛି ଅରବପତିଙ୍କ ସମ୍ପତ୍ତି

ଭାରତରେ ଅରବପତିଙ୍କ ସଂଖ୍ୟା ୨୮୪କୁ ବୃଦ୍ଧି ପାଇଛି । ଆଉ ଏହି ଅରବପତିଙ୍କ ପାଖରେ ୯୮ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ହୁରୁନ୍ ଏହାର ଏକ ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦେଇଛି। ୨୦୨୫ ମସିହା ପାଇଁ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ଅନୁଯାୟୀ, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦେଶର ସବୁଠାରୁ ଧନୀ ଲୋକଙ୍କ ମୋଟ ସମ୍ପତ୍ତି ୧୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ପାଇଁ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ଅନୁଯାୟୀ, ୨୮୪ ଜଣ ଅରବପତିଙ୍କ ମଧ୍ୟରୁ ୯୦ ଜଣ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ବାସ କରନ୍ତି। ଭାରତ ବିଶ୍ୱ ସ୍ତରରେ ଏକ ଦୃଢ଼ ସ୍ଥିତି ବଜାୟ ରଖିଛି,ଦେଶ ଅରବପତିଙ୍କ ସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନରେ ଅଛି, କେବଳ ଆମେରିକା ଏବଂ ଚୀନ୍ ପଛରେ ଭାରତ। ଏହି ତାଲିକାର ଶୀର୍ଷରେ ଆମେରିକାର ୮୭୦ ଜଣ ଅରବପତି ଅଛନ୍ତି। ହୁରୁନ୍ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ୧୭୫ ଜଣ ଭାରତୀୟ କୋଟିପତିଙ୍କ ସମ୍ପତ୍ତି ବୃଦ୍ଧି ପାଇଛି, ସେଭଳି ୧୦୯ ଜଣଙ୍କ ସମ୍ପତ୍ତି ହ୍ରାସ ପାଇଛି କିମ୍ବା କୌଣସି ପରିବର୍ତ୍ତନ ହୋଇନାହିଁ। ଜଣେ ଭାରତୀୟ କୋଟିପତିଙ୍କ ଅରବପତିଙ୍କ ସମ୍ପତ୍ତି ଏବେ ୩୪,୫୧୪ କୋଟି ଟଙ୍କା ରହିଛି। ଏହା ସହିତ, ଭାରତରେ ୪୦ ବର୍ଷରୁ କମ୍ ବୟସର ସାତ ଜଣ ଅରବପତି ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ବେଙ୍ଗାଲୁରୁ ଏବଂ ମୁମ୍ବାଇରେ ଅଛନ୍ତି। ବିଶ୍ୱ ସ୍ତରରେ, ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲୋନ ମସ୍କ ଗତ ବର୍ଷ ୧୮୯ ବିଲିୟନ ଡଲାର ରୋଜଗାର ସହିତ ସର୍ବାଧିକ ସମ୍ପତ୍ତି ବୃଦ୍ଧି ରେକର୍ଡ କରିଛନ୍ତି। ପାଞ୍ଚ ବର୍ଷ ମଧ୍ୟରେ ଚତୁର୍ଥ ଥର ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଭାବରେ ନିଜର ଟାଇଟଲ ବଜାୟ ରଖିଛନ୍ତି ଏବଂ ୪୦୦ ବିଲିୟନ ଡଲାର ଅତିକ୍ରମ କରିବାରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି। ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୨୬୬ ବିଲିୟନ ଡଲାରର ସମ୍ପତ୍ତି ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମେଟାର ଇଓ ଏବଂ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ ଉପରେ ନିବେଶକଙ୍କ ଦୃଢ଼ ବିଶ୍ୱାସ ଯୋଗୁଁ ମେଟା ସିଇଓ ମାର୍କ ଜୁକରବର୍ଗ ପ୍ରଥମ ଥର ପାଇଁ ଶ୍ରେଷ୍ଠ ତିନି ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ବର୍ଷର ହୁରୁନ୍ ତାଲିକାରେ ମନୋରଞ୍ଜନ, କ୍ରୀଡ଼ା ଏବଂ ସାମାଜିକ ଗଣମାଧ୍ୟମର ନାମ ମଧ୍ୟ ସାମିଲ ଥିଲା। ଏଥିରେ ଗାୟକ ଜେ-ଜେଡ୍, ରିହାନା, ଟେଲର ସ୍ୱିଫ୍ଟ ଏବଂ ପଲ ମ୍ୟାକାର୍ଟନି ସାମିଲ ଅଛନ୍ତି। ବିଲିୟନେୟାର କ୍ଲବରେ ସ୍ଥାନ ପାଇଥିବା କ୍ରୀଡା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଅଛନ୍ତି ମାଇକେଲ ଜୋର୍ଡାନ, ଟାଇଗର ଉଡ୍ସ, ଫ୍ଲଏଡ୍ ମେଓ୍ୱେଦର, ଲେବ୍ରନ୍ ଜେମ୍ସ, କ୍ରିଷ୍ଟିଆନୋ ରୋନାଲଡ୍ସ ଏବଂ ଲିଓନେଲ୍ ମେସି। ବିଶ୍ୱ ରାଙ୍କିଙ୍ଗରେ ସାମିଲ ହୋଇଥିବା ଏକମାତ୍ର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହେଉଛନ୍ତି କିମ୍ କାର୍ଦାସିଆନ୍।



ମୋହନ ଚରଣ ମାଝୀ
(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)

# ଲୋକଙ୍କ ସରକାର

କାଲି ଭଳି ଲାଗୁଛି । ନୂଆ ସରକାରକୁ ଏକ ବର୍ଷ ଆଜି ପୂରିଛି । ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା । ମୁଁ ସ୍ନାନବେଦୀରେ ମହାପ୍ରଭୁଙ୍କୁ ଆଖିରେ ଆଖି ମିଳାଇ ସାରା ଓଡ଼ିଶାବାସୀଙ୍କ ମଙ୍ଗଳକାମନା କରି ପ୍ରାର୍ଥନା କଲି । ରତ୍ନ ସିଂହାସନ ଛାଡି ସ୍ନାନବେଦୀରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି । ଆମ ସନ୍ତୋଷ ଓ ଖୁସିମନରେ ମହାପ୍ରଭୁଙ୍କ ଠାରୁ ମେଲାଣି ନେଲି । ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ । ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି ।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା । ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ବିଫଳତାର କାହାଣୀ । ବର୍ଷରେ ସରକାରରେ ମୋ ନେତୃତ୍ୱ । ତିକ୍ତ-ମଧୁର ଅନୁଭୂତି । ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କ'ଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କ'ଣ କ'ଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ ? ୨୦୪୭ ମସିହାରେ ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡ଼ିଶାର କ'ଣ ଓ କେତେବଡ ଭୂମିକା ରହିବ ତାକୁ ନେଇ ଅନେକ କଳ୍ପନା ଯୋଜନା ତଥା ସଂକଳ୍ପ ମୋ' ମନ ଭିତରେ ଉଙ୍କି ମାରୁଥିଲା ।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱରର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ । ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ । ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ । ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସବସିଡ୍ ମାଧ୍ୟମରେ ଧାନ କ୍ୱିଣ୍ଟାଲର ଦାମ୍ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ । ପୁରା କ୍ୟାବିନେଟ୍ ସହ ସେଦିନ ରାତି ପୁରୀରେ ରହିଲୁ । ମହାପ୍ରଭୁଙ୍କ ମଙ୍ଗଳଆଳତି ସହ ୪ ଦ୍ୱାର ଖୋଲିଲା ।

ଆଜି ଯେତେବେଳେ ସେହି ଦିନ ଗୁଡିକର ଏକବର୍ଷ ପୂର୍ତ୍ତି ହେଉଛି ମୋ' ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନ ହିତକର କାମ ହୋଇଛି ତାର ଚର୍ଚ୍ଚା ହେବା ସ୍ୱାଭାବିକ । ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପିତ କରିଥିଲୁ ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟି ।

ବର୍ଷକରେ ଆମ କାମର ହିସାବ ଦେବା ମୋ' ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ । ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳ ନେତାର ନାହିଁ ପ୍ରୟୋଜନ- ଉତ୍କଳ ନେତା ସ୍ୱୟଂ ନାରାୟଣ । ମୁଁ ଆଦିବାସୀ ଘରେ ଜନ୍ମ । ଦାରିଦ୍ର୍ୟ-ଅନାଟନ-ଅଭାବ ଓ ଅସୁବିଧାକୁ ସାମନା କରି ଆଗକୁ ବଢିଛି । ଯେବେ ପଡିଛି ଆହୁରି ଦୃଢ ଓ ଆତ୍ମ ବିଶ୍ୱାସ ସହ ଛିଡା ହୋଇଛି । ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା । ବୋଧହୁଏ ମୋ ଭଳି ଗରୀବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି । ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି ।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ । ଆଜି ଓଡ଼ିଶାରେ ବିଜେପି ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ସତ । ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି । ନରେନ୍ଦ୍ର ମୋଦୀ ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି । ଦିଲ୍ଲୀ ଓ ଭୁବନେଶ୍ୱରରେ ବିଜେପି ଶାସନ ନୁହେଁ ଆମେ ଏହାକୁ ଡବଲ ଇଂଜିନ୍ ସରକାର ବୋଲି କହୁଛୁ । ଓଡ଼ିଶାକୁ ମୋଦୀଜୀ ସାରା ଦେଶରେ ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି । ଗତ କିଛିଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦୀଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କ ଠାରୁ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତିକରଣକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ୍ୟ ହାସଲ କରିବା କଥା କହିଥିଲି । ଦେଶର ୨୦୪୭ର ଲକ୍ଷ୍ୟ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ ଲକ୍ଷ୍ୟର କଥା ଉଲ୍ଲେଖ କରିଥିଲି । ମୋଦୀଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗକୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଂଜିନ୍ ହେବ ବୋଲି କହିଥିଲେ ମୋଦୀଜୀ। ଏହା ଭିତରେ ମୋଦୀଜୀ ଓଡ଼ିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି । ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ଓଡ଼ିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତୀର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି ।

ମୋଦୀଜୀଙ୍କ ଭାଷାରେ ଆମର ମୋଟ ୪ ଜାତି । ଜାତି-୧ , ଗରୀବ । ଜାତି-୨ , କୃଷକ । ଜାତି-୩ , ଯୁବପୀଢି । ଜାତି-୪ , ମହିଳା। ୨୦୧୪ରୁ ଦେଶରେ ଗାନ୍ଧି-ଦୀନଦୟାଲଙ୍କ ଗରୀବ କଲ୍ୟାଣ ଓ ଅନ୍ତୋଦୟର ଶାସନ ଚାଲୁଛି । ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ମୋଦୀଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରୀବୀ ହଟାଅ ସ୍ଲୋଗାନ ନୁହେଁ ଗରୀବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି । ସବକା ସାଥ୍ ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ ଓଡ଼ିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି ।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରୀବ ପରିବାରର ଝିଅ ମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା । ସ୍ୱୟଂସହାୟକ ଗୋଷ୍ଠିର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା କ୍ରିୟାନ୍ୱିତ ହେଉଛି ।

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ ସବ୍‌ସିଡ ଦେଇ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ଼ ନିଷ୍ପତ୍ତି । କୃଷି-ମତ୍ସ୍ୟପଶୁପାଳନ-ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ଼ ବିକାଶର କାମରେ ଲାଗିଛି ଆମ ସରକାର । ଶିଳ୍ପ ପ୍ରସ୍ତାବ ଆସୁଥିଲା । ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ମୋଦୀଜୀ ଯୋଗଦେଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ଅନୁରୋଧ କରି ସେମାନଙ୍କୁ ମୋଦୀ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ। ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି । ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇସାରିଲାଣି । ଆମର ନିଷ୍ପାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇପାରିବ ତା'ର ପ୍ରବନ୍ଧନ କରିବା ଓ ଆମ ଯୁବପୀଢି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା।

୫ ବର୍ଷରେ ଦେଢଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ। ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ ପ୍ରତିବନ୍ଧକ କର୍ମଚାରୀ ଅଭାବ। ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ । ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ରଖିଛୁ । ୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁନଥିଲା। ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଇତିମଧ୍ୟରେ ଇଂଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି। ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ।

ଏବେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି । ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ ହୋଇଛନ୍ତି । ଏବେ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡାର ପ୍ରବାସୀମାନଙ୍କର ଆୟୁଷ୍ମାନ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ । ମୋଦୀଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରୀବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁନାହିଁ । ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୁରା ନିଷ୍ଠାର ସହ ଚାଲିଛି । ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଭତ୍ତା ରାଶି ୩,୫୦୦କୁ ବୃଦ୍ଧି କରାଯାଇଛି । ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି ।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଉପାନ୍ତ ଓ ଦୁର୍ଗମର ବାସିନ୍ଦା ଯେଉଁମାନେ ମୋଟାମୋଟି ରାଜ୍ୟର ଗରୀବମାନଙ୍କର ପ୍ରମୁଖ ଭାଗ ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ।

ମୋତେ ଜଣା ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ । ପାଇପ ପାଣି ଯୋଗାଣ ଆମ ରାଜ୍ୟରେ ବିଡମ୍ବନା ହୋଇଛି । ଆମେ ଆମର ମା' ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନ ଭିତ୍ତିରେ କ୍ରିୟାନ୍ୱୟନ କରୁଛୁ । ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ ।

ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା। ଛୋଟିଆ କଥା, ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇପାରିଲେନି। ବାରମ୍ବାର ଆସୁଥିବା ଏହି ବ୍ୟକ୍ତି ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି । ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି । ଅଭିଯୋଗ ଶୁଣାଣୀ- ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି ।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ । ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡ଼ିଆ । ଦୃଢ଼ ନିଷ୍ଠା-କଠିନ ପରିଶ୍ରମ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି ।

ଜୟ ଜଗନ୍ନାଥ



ଡକ୍ଟର ମିନାକ୍ଷୀ ମହାପାତ୍ର
ଉପନିର୍ଦ୍ଦେଶକ
ଏସ୍.ସି.ଇ.ଆର.ଟି,
ଭୁବନେଶ୍ୱର
ମୋ-୯୪୩୭୩୬୩୫୧୨

# ପୁଅ ପିତ୍ତଳ ହାଣ୍ଡି ଝିଅ...

ପୁଅ ପିତ୍ତଳ ହାଣ୍ଡି ଝିଅ ମାଟିହାଣ୍ଡି, ଏହି ବାକ୍ୟଟିର ଅର୍ଥ ସମାଜରେ ପୁଅ ଏବଂ ଝିଅଙ୍କର ଚରିତ୍ରବତ୍ତାର ମାପକାଠିକୁ ବୁଝାଏ। ଝିଅମାନଙ୍କ ପାଇଁ ଏହା ସମାଜର ନାଲି ଆଖି ସଦୃଶ୍ୟ ପ୍ରତୀୟମାନ ହୁଏ। ଝିଅଟିର କିଭଳି ସଣ୍ଟଣା ସହିତ ବାପ ଘରଠାରୁ ଶାଶୂଘର ପର୍ଯ୍ୟନ୍ତ ଚଳିବ, ଏହି ଉକ୍ତିଟି କଟକଣା ଜାରି କରିଥାଏ। ଗୋଟିଏ ଭୁଲକାମରେ ଉଭୟ ପୁଅ ଏବଂ ଝିଅ ସମଭାବରେ ସଂଶ୍ଲିଷ୍ଟ ଥିଲେ ମଧ୍ୟ ଭୁଲଟି ସାମନାକୁ ଆସିଲେ ପୁଅଟିଏ ସେ ପରିସ୍ଥିତିରୁ ବାହାରିଯିବା ପାଇଁ ପଥ ସୁଗମ ଥାଏ। ସେ ପରିବାରରେ ଏବଂ ସମାଜରେ କ୍ଷମା ପାଏ, ତାର ଭୁଲକୁ କେହି ଧରି ବସନ୍ତି ନାହିଁ, ଯେମିତି ପିତ୍ତଳକୁ ମାଜିଦେଲା ପରେ ସେ ସୁନାପରି ଉଜ୍ଜ୍ୱଳ ଦେଖାଯାଏ, ସେମିତି ପିତ୍ତଳ ହାଣ୍ଡି ସଦୃଶ୍ୟ ସେ ସର୍ବଦା ଚକ ଚକ ହୋଇ ରହିଥାଏ, କିନ୍ତୁ ଝିଅଟିଏ କ୍ଷମା ପାଏ ନାହିଁ, ପରିବାର ସମାଜରେ ଅଦରକାରୀ ହୋଇଯାଏ। ମାଟି ହାଣ୍ଡିକୁ ଅଧିକ ମାଜିଲେ ଭାଙ୍ଗିଯାଏ। ଝିଅଟିର ଜୀବନ ତରୀ ମଧ୍ୟ ଥଳକୂଳ ପାଏ ନାହିଁ, ସେ ଦିଗହରା ହୋଇଯାଏ।

ଏହା ଆମର ପ୍ରଚଳିତ ଧାରା ଥିଲା। ଏକବିଂଶ ଶତାବ୍ଦୀର ଚବିଶ (୨୪) ବର୍ଷ ବିତିସାରିଲାଣି। ସମୟର ପ୍ରବହମାନ ପ୍ରଖର ସ୍ରୋତରେ ସମତାଳ ଦେଇ ସାମାଜିକ ପରିବର୍ତ୍ତନର ସ୍ରୋତ ବହିଚାଲଇଛି। ସାମାଜିକ ପରିବର୍ତ୍ତନ କହିଲେ ସମାଜର ନିୟମର ପରିବର୍ତ୍ତନ ଯେଉଁଥିରେ ଥାଏ ସାମାଜିକ ଅନୁଷ୍ଠାନ ସାମାଜିକ ଚଳଣୀ, ସମାଜ ସହିତ ଆମର କ୍ରିୟା ପ୍ରତିକ୍ରିୟା, ପରସ୍ପର ସହିତ ସମ୍ପର୍କ, ବ୍ୟବହାର, ଆମ ସଂସ୍କୃତି, ପରମ୍ପରା ଇତ୍ୟାଦି ଯାହା ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ଏବଂ ତାହା ସାମାଜିକ ନିୟମରେ ପରିଣତ ହୁଏ। ତାହା ଦ୍ୱାରା ସମାଜର ଉପାନ୍ତରୀକରଣ ହୋଇଥାଏ। ପରିବର୍ତ୍ତନର ଧାରାରେ ଆମ ସମାଜର ମଧ୍ୟ ରୂପାନ୍ତରୀକରଣ ହୋଇ ସାରିଛି।। ଆମ ସମାଜ କାହିଁକି ବିଶ୍ୱ ସମୁଦାୟର ରୂପାନ୍ତରୀକରଣ ହୋଇଛି। ଆମ ଚଳଣି ପରିପ୍ରେକ୍ଷୀରେ "ପୁଅ ପିତ୍ତଳହାଣ୍ଡି ଝିଅ ମାଟି ହାଣ୍ଡି" ଉକ୍ତିଟିର କ'ଣ ରୂପାନ୍ତରୀକରଣ ଘଟିଛି ? ମାନେ ଏହି ଉକ୍ତିଟିର କିଛି ପରିବର୍ତ୍ତନ ଘଟିଛି କି ? ଝିଅମାନଙ୍କର ଜୀବନ ମାଟିହାଣ୍ଡିର ଭାଙ୍ଗିଯିବା ଗୁଣଠାରୁ ଉଚ୍ଚକୁ ଉଠିପାରିଛି ? ଏହା ପୁଅ ଏବଂ ଝିଅଙ୍କର ଚାରିତ୍ରିକ ଦିଗକୁ ବୁଝାଉଛି। ଚରିତ୍ର ଗୋଟିଏ ବ୍ୟାପକ ଶବ୍ଦ, ଏହା ବ୍ୟକ୍ତିର ତାଳୁରୁ ତଳିପା ଯାଏ, ଯାହା ବ୍ୟକ୍ତିର ସଂପୂର୍ଣ୍ଣ ଗୁଣବତ୍ତାକୁ ବୁଝାଏ। ଆଚାର ବ୍ୟବହାର ଯାହା ବ୍ୟକ୍ତିକୁ ବ୍ୟାଖ୍ୟାକରେ ଯେଉଁଥିରେ ଥାଏ ନୈତିକତା, ବ୍ୟକ୍ତିତ୍ୱ ବିକାଶ, ମୂଲ୍ୟବୋଧ, ସଠିକତା ଏବଂ ଦୁର୍ବଳତା ଏବଂ ପାରିପାର୍ଶ୍ୱିକ ସ୍ଥିତି ସହ କ୍ରିୟା ପ୍ରତିକ୍ରିୟା, କେବଳ ବାହ୍ୟ କାର୍ଯ୍ୟଦ୍ୱାରା ଏହା ଜୀବିତ ନୁହେଁ, ନିଜର ଅନ୍ତର୍ନିହିତ କାର୍ଯ୍ୟଶୈଳୀ (ଯାହା ପରିବେଶକୁ ସକରାତ୍ମକ ଦିଗରେ ପ୍ରଭାବିତ କରେ) ଏବଂ ବିଶ୍ୱାସ ଉପରେ ପର୍ଯ୍ୟବେଶିତ। ଏହା ଗୋଟିଏ ବ୍ୟକ୍ତିର ସଂପୂର୍ଣ୍ଣ ପ୍ରତିଛବି। ସଂକୀର୍ଣ୍ଣ ଅର୍ଥରେ ଚରିତ୍ର କହିଲେ ବ୍ୟକ୍ତିର ଯେଉଁ ଗୁଣଗୁଡିକୁ ସାମାଜିକ ପ୍ରାଣୀଭାବରେ ଆମେ ପ୍ରାଥମିକତା ଦେଇଥାଉ ଯାହା ତାଙ୍କର ବ୍ୟକ୍ତିତ୍ୱ ପରିପ୍ରକାଶର ବିଭିନ୍ନ ଦିଗ ଯଥା ସାଧୁତା, ବିଶ୍ୱସନୀୟତା, ସଦିଚ୍ଛା, ଆନୁଗତ୍ୟ ମନୋଭାବ, ଯାହା ଗୋଟିଏ ବ୍ୟକ୍ତି ଭିତରେ ନିହାତି ରହିବା ଆବଶ୍ୟକ ତାହା ତାଙ୍କର ପରିଚୟ ସୃଷ୍ଟିକରେ ଯେଉଁଠି ବ୍ୟାପକ ସାମାଜିକ ଏବଂ ପରିସ୍ଥିତିଗତ କାରଣ ଗୁଡିକୁ ଦେଖାଯାଏ ନାହିଁ ଯାହା ତାଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ସମ୍ଭାବନା ଥାଏ।

ବର୍ତ୍ତମାନ ସମାଜରେ ବ୍ୟକ୍ତି ଚରିତ୍ରର ଅସମ୍ଭବ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ପୁରୁଷ ପ୍ରାଧାନ୍ୟ ସମାଜରେ ପୁରୁଷମାନଙ୍କର ନାରୀମାନଙ୍କ ତୁଳନାରେ ଅଧିକ ପ୍ରାଧାନ୍ୟ ଏବଂ ସୁଯୋଗ ବଢିଚାଲୁଛି, ଏହା ହୋଇପାରେ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷମତା। ନାରୀମାନଙ୍କ ପାଇଁ ଏପରି ସମାଜ ସମସ୍ୟା ସୃଷ୍ଟି କରୁଛି। ସେଥିରେ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ସୁବିଧା ସୁଯୋଗ କମ୍ ମିଳୁଛି। ସମ୍ପତ୍ତି ପାଇବାରେ ପୁରୁଷଙ୍କର ଅଧିକ କ୍ଷମତା ରହୁଛି। ପୁରୁଷ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ସ୍ତ୍ରୀମାନଙ୍କୁ ସ୍ୱାଧୀନତା ମିଳୁ ନାହିଁ, ବଳପୂର୍ବକ ଶାସନ କରାଯାଉଛି, ନାରୀ ଶୋଷିତ ହେଉଛି।

ପରିବାରରେ ଛାଡପତ୍ର, ଦବାନବା ସଂଖ୍ୟା ବଢିଚାଲୁଛି। ଏହାର ଯଦି କାରଣ ଖୋଜିବା ଦେଖିବା ଉଭୟ ପୁରୁଷ ଏବଂ ନାରୀ ପରିବର୍ତ୍ତିତ ସାମାଜିକ ନିୟମ ପ୍ରତି ଅଧିକ ସଚେତନ ଥିବା ଜଣାପଡୁଛି। ନାରୀମାନଙ୍କର ଅର୍ଥନୈତିକ ସ୍ୱାଧୀନତା, ମାନସିକ ସ୍ୱାସ୍ଥ୍ୟପ୍ରତି ଅଧିକ ସଚେତନତା ଏବଂ ଯତ୍ନଶୀଳ ମନୋଭାବ, ଛାଡପତ୍ରକୁ ଉଭୟ ନାରୀ ଏବଂ ପୁରୁଷ ଗୋଟିଏ ସାମାଜିକ କଳଙ୍କ ବୋଲି ନ ଭାବିବା ଏବଂ ନିଜର ଖୁସିକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା, ଛାଡପତ୍ର ପାଇଁ ଉଭୟଙ୍କୁ ସହଜରେ ଆଇନ୍‌ଗତ ସୁବିଧା ମିଳିଯିବା, ପରିବାରରେ ନାରୀ ପୁରୁଷ ସମ୍ପର୍କର ଖୋଲାଖୋଲି ଚର୍ଚ୍ଚା ଅନ୍ୟମାନଙ୍କ ଆଗରେ କରିବା ଏବଂ ନିଜର ଆବଶ୍ୟକତାକୁ ପ୍ରାଥମିକତା ଦେବା ଇତ୍ୟାଦି ନଜରକୁ ଆସୁଛି।

ହିଂସା ଆଚରଣ ସ୍ତ୍ରୀ ଲୋକମାନଙ୍କ ବିରୁଦ୍ଧରେ ପରିବାରରେ ବଢୁଛି। ଏହାର କାରଣ ଅନୁଧ୍ୟାନକଲେ ସାମନାକୁ ଆସେ ପରିବାରରେ ରୋଜଗାରର ଅଭାବ ଯୋଗୁଁ ଅର୍ଥନୈତିକ କଠିନତା, ଅବସାଦ, ସାମାଜିକ ଏବଂ ସୁରକ୍ଷିତ କାର୍ଯ୍ୟବଳୀର ଅଭାବ ଯୋଗୁଁ ପୁରୁଷ ଏବଂ ସ୍ତ୍ରୀ କାର୍ଯ୍ୟକ୍ଷମ ହୋଇ ନ ପାରିବା, ଜଣେ ଅନ୍ୟଜଣଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଯୋଗୁଁ କ୍ରୋଧ, ହୀନମାନ୍ୟତା ବୃଦ୍ଧିପାଇବା ପରମ୍ପରା ଗତ ପୁରୁଣା ଚିନ୍ତାଧାରା ଯୋଗୁଁ ଜଣେ ଅନ୍ୟଜଣଙ୍କୁ ନୀଚା ପ୍ରତିପାଦିତ କରିବା ଇତ୍ୟାଦି। ଦାରିଦ୍ର୍ୟ, ଅଶିକ୍ଷା, ନାରୀପୁରୁଷର ରୋଜଗାରରେ ଅସମାନତା ଯୋଗୁଁ ସମାଜରେ ଅପରାଧ ଜନିତ କାର୍ଯ୍ୟକଳାପ ମଧ୍ୟ ବଢିବାରେ ଲାଗିଛି। ଲିଙ୍ଗଗତ ପ୍ରଭେଦ ଦ୍ୱାରା ପରିବାରରେ ପୁଅମାନଙ୍କୁ ଅଧିକ ଗୁରୁତ୍ୱ ନିଆଯିବା, ଧାର୍ମିକ ଚିନ୍ତାଧାରାରେ ଆଞ୍ଚ ଆସିବା, ନିଶାସେବନ ଆଦି ଅପରାଧିକ ଆଚରଣକୁ ପ୍ରୋତ୍ସାହନ କରୁଅଛି।

ପୁରୁଷ ପ୍ରଧାନ ସମାଜରେ ପୁରୁଷମାନଙ୍କ ଦ୍ୱାରା ନାରୀମାନଙ୍କର ଯୌନ ଶୋଷଣ ବଢୁଛି ଏବଂ ଏହାକୁ ସମାଜରେ ପୁରୁଷୋଚିତ ବ୍ୟବହାର ବୋଲି ଗ୍ରହଣ ମଧ୍ୟ କରାଯାଉଛି। ଏ କ୍ଷେତ୍ରରେ ଆମ ସମାଜରେ ନାରୀ ନିନ୍ଦିତ ହୋଇଥାଏ କାରଣ ସେ ଅଯାଚିତ ଭାବରେ ପୁରୁଷକୁ ଆକର୍ଷିତ କରିଥାଏ ବୋଲି ଦୃଢ଼ ଧାରଣା ରହିଛି। ଏହା ଘଟୁଛି ଯୌନ ଶୋଷଣ ବିଷୟରେ ସଚେତନତାର ଅଭାବ, ଆଇନଗତ କାର୍ଯ୍ୟର ଅଭାବ ଯୋଗୁଁ। କାର୍ଯ୍ୟ କ୍ଷେତ୍ରରେ କିମ୍ବା ସର୍ବ ସାଧାରଣ ଜାଗାରେ ଯୌନ ଶୋଷଣର ଅଭିଯୋଗ ଭୟ, ସାମାଜିକ ଲଜ୍ଜା, ପରିବାରର ଅନିଚ୍ଛା, ପରବର୍ତ୍ତୀ ଶୋଷଣର ଭୟ ଯୋଗୁଁ ଅଭିଯୋଗ କରାଯାଏ ନାହିଁ। ଯୌନ ଶୋଷଣ କ'ଣ ସମାଜର ଗୋଟିଏ ବଡଭାଗର ଲୋକ ବୁଝନ୍ତି ନାହିଁ। ସେଭଳି ବ୍ୟବହାରକୁ ଅଣଦେଖା କରାଯାଏ। କାର୍ଯ୍ୟକ୍ଷେତ୍ରରେ ଏବଂ ସର୍ବସାଧାରଣ ଜାଗାରେ ଉଚ୍ଚପଦାଧୀକାରୀମାନେ ସେମାନଙ୍କ ପଦର ଶୋଷଣ କରନ୍ତି ଏବଂ ନାରୀମାନଙ୍କର ଶୋଷଣ ଅବାଧରେ କରନ୍ତି।

ସମାଜରେ ଏଭଳି ସ୍ଥିତିରେ ଆମେ କ'ଣ କହିପାରିବା ପୁରୁଷ ପିତ୍ତଳ ହାଣ୍ଡି, ମାଜିଦେଲେ ଚକଚକ, ନାରୀ ମାଟିହାଣ୍ଡି ମାଜିଦେଲେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବ। ନାରୀ ମାଟି ହାଣ୍ଡିର ବହୁ ଉର୍ଦ୍ଧ୍ୱକୁ ଉଠିସାରିଛି। ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିସାରିଛି ରାଜନୀତି, ଅର୍ଥନୀତି, କ୍ରିଡା, ନୃତ୍ୟ, ସଙ୍ଗୀତ, ଆଇନ, ମହାକାଶ, ଯାତ୍ରା ଆଦି କ୍ଷେତ୍ରରେ। ତଥାପି ମଧ୍ୟ ସେ ସ୍ୱାଧୀନ ନୁହେଁ, ରାସ୍ତାରେ ସେ ନିର୍ଭୟରେ ଏକୁଟିଆ ଚାଲି ପାରିବ ନାହିଁ। ସେ ତାର ସୀମା ଭିତରେ ହିଁ ସୁରକ୍ଷିତ। କିନ୍ତୁ ବର୍ତ୍ତମାନ ସମାଜରେ ଦେଖାଯାଉଛି ପୁଅ ଝିଅଙ୍କର ଅବାଧ ମିଳାମିଶା। ହାତରେ ହାତଛନ୍ଦି, କାନ୍ଧରେ ହାତ ପକାଇ ପୁଅଝିଅ ରାସ୍ତାରେ ବାଟ ଚାଲୁଛନ୍ତି। ଝିଅଟି ଆଗକୁ ବିପଦ ଜାଣି ସୁଦ୍ଧା ପୁଅଟିକୁ ଏ ସ୍ୱାଧୀନତା ପ୍ରଦାନ କରିବା ତା ସୀମାଭୁକ୍ତ ନୁହେଁ। ଝିଅମାନେ ପୁଅମାନଙ୍କ ସହିତ ଏକାଠି ସିଗାରେଟ ଏବଂ ନିଶା ସେବନ କରିବା, ସଂକ୍ଷିପ୍ତ ପୋଷାକରେ ନିଜକୁ ପ୍ରଦର୍ଶିତ କରିବା ମଧ୍ୟ ସୀମା ବାହାର କାର୍ଯ୍ୟ ଅଟେ। ପରିବାରରେ ମା'ମାନେ ଝିଅଟିକୁ ଏ ବିଷୟରେ ଶିକ୍ଷାଦେବା ଉଚିତ। ପୁଅମାନେ ମଧ୍ୟ ତାଙ୍କ ଆଚରଣରେ ସୁଧାର ଆଣିବା ଆବଶ୍ୟକ। ସମାଜରେ ଯାବତୀୟ ଅସାମଜିକ କାର୍ଯ୍ୟ ପୁଅମାନଙ୍କ ଦ୍ୱାରା ଘଟୁଥିଲେ ମଧ୍ୟ ସେମାନେ ଅବାଧରେ ସନ୍ଧ୍ୟାପରେ, ରାତିଅଧରେ ଖୋଲାଖୋଲି ଭାବରେ ବୁଲାବୁଲି କରିବାର ଅଧିକାର ପାଉଛନ୍ତି। ସେମାନଙ୍କୁ ମଧ୍ୟ ପରିବାର ତରଫରୁ ସଂଯମ ଆଚରଣ, ନୈତିକତା ଶିକ୍ଷାଦେବା ଆବଶ୍ୟକ। ସନ୍ଧ୍ୟାପରେ ସେମାନଙ୍କର ଲଗାମବିହୀନ ଅସାମାଜିକ କାର୍ଯ୍ୟକୁ ଲଗାମ ଦବା ଆବଶ୍ୟକ। ତାହା ନକରି ଆମେ ଝିଅମାନଙ୍କ ଗୋଡରେ ବେଡି ପିନ୍ଧାଇ ଥାଉ, ଘରୁ ବାହାରିବାରେ କଟକଣା ଲଗାଇଥାଉ। ପୁଅମାନଙ୍କ ଆଚରଣରେ ସଂଯମତା ଆସିଲେ ଝିଅମାନେ ସୁରକ୍ଷିତ ରହିପାରିବେ। ସନ୍ଧ୍ୟାପରେ କ'ଣ ରାତିଅଧରେ ମଧ୍ୟ ଏକୁଟିଆ ଯିବା ଆସିବା କରିପାରିବେ। ତେବେ ଆମେ କହିବା ଆମ ସ୍ୱାଧୀନ ଏବଂ ଆମ ଦେଶ ସ୍ୱାଧୀନ। ଏପରି ସମୟ ଆସିଲେ ପିତ୍ତଳ ହାଣ୍ଡି ପରି ପୁଅ ଚକ ଚକ କରିବ ଏବଂ ଝିଅ ମାନଙ୍କର ଜୀବନ ସୁରକ୍ଷିତ ହେବା ସହିତ ସୁସ୍ଥ ସମାଜ ଗଠନ ହୋଇ ପାରିବ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

# ଜନଗଣନା-୨୦୨୭

ବହୁ ବିଳମ୍ବରେ ଅର୍ଥାତ ଦୀର୍ଘ ୬ବର୍ଷର ବ୍ୟବଧାନ ପରେ ଦେଶରେ ଜନଗଣନା ଆସନ୍ତା ବର୍ଷ ଆରମ୍ଭ ହେବ। ଏହାର ନାମ ଜନଗଣନା-୨୦୨୭ ରଖାଯାଇଛି। ଦେଶରେ ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟ ଜନଗଣନା ବରଫପାତ ଅଞ୍ଚଳ ତଥା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ, ଜାମ୍ମୁକାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ୨୦୨୬ ଅକ୍ଟୋବର ମାସର ପ୍ରଥମ ଦିନର ୦୦.୦୦ଘଣ୍ଟାରେ ଶେଷ ହେବାକୁ ଥିବାବେଳେ ଦେଶର ଅବଶିଷ୍ଟ ରାଜ୍ୟଗୁଡିକରେ ୨୦୨୭ ମାର୍ଚ୍ଚ ପ୍ରଥମ ଦିନର ୦୦.୦୦ଘଣ୍ଟା ଧାର୍ଯ୍ୟ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ ୨୦୨୬ ମସିହା ମାର୍ଚ୍ଚ- ଏପ୍ରିଲ ସୁଦ୍ଧା ଦେଶରେ ବାସଗୃହଗୁଡିକର ତାଲିକା ଚୂଡାନ୍ତ ହେବ ଏବଂ ୨୦୨୭ ଫେବୃୟାରୀରେ ୨୧ଦିନ ଧରି ଜନଗଣନା ପ୍ରକ୍ରୀୟା ଚାଲିବ ବୋଲି ଜଣାଯାଇଛି। ତେବେ ଆସନ୍ତା ଜନଗଣନାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜାତିଗତ ଜନଗଣନା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୯୩୧ ମସିହା ପରେ ପ୍ରଥମ ଥର ପାଇଁ ଜାତିଗତ ଜନଗଣନା ହେବାକୁ ଯାଉଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମେତ ଦେଶରେ ଥିବା ଅନ୍ୟଜାତିର ଜନସଂଖ୍ୟା ସମ୍ପର୍କରେ ଗଣନା ହେବ। ୧୯୩୧ ମସିହାରେ ଦେଶରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଗତ ଜନଗଣନା ହୋଇଥିଲା। ଦେଶରେ ଦୀର୍ଘ ୯ଦଶନ୍ଧି ପରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଆଣ ଗଣନା ହେଉଛି ଏକ ରାଜନୈତିକ ମହତ୍ୱପୂର୍ଣ୍ଣ ଓ ସାମାଜିକ ମାଇଲଖଂଟ। ଜାତିଗତ ତଥ୍ୟ ସହ ଜନଗଣନା ସାମାଜିକ ନ୍ୟାୟର ପ୍ରତିଶ୍ରୁତି କାର୍ଯ୍ୟକାରିତା ଏବଂ ଦେଶର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖେ। କହିବା ବାହୁଲ୍ୟ ଯେ, ସାମାଜିକ ନ୍ୟାୟର ପ୍ରବକ୍ତାମାନେ ଦୀର୍ଘ ବର୍ଷ ବର୍ଷ ଧରି ଦେଶରେ ଜାତିଗତ ଜନଗଣନା ପାଇଁ ଦାବି କରି ଆସୁଥିଲେ। କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ପ୍ରଥମରୁ ଅନାଗ୍ରହୀ ଥିବାବେଳେ ଶେଷରେ ଜାତିଗଣନା ପାଇଁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ବିହାର ସରକାର ଜାତିଗଣନା କରି ରିପୋର୍ଟ ସାର୍ବଜନୀନ କରିଥିବା ସତ୍ତ୍ୱେ ତାହା ଫଳପ୍ରଦ ହୋଇପାରିନଥିଲା ବେଳେ କର୍ଣ୍ଣାଟକ ସରକାରଙ୍କ ଜାତିଗଣନା ରିପୋର୍ଟ ସମ୍ପୂର୍ଣ୍ଣ ନିର୍ବିବାଦୀୟ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୧୬(୪) ଧାରା ଅନୁଯାୟୀ ସରକାରୀ ଚାକିରି କ୍ଷେତ୍ରରେ ଆବଶ୍ୟକ ପ୍ରତିନିଧିତ୍ୱ ନଥିବା ଜାତିଗୁଡିକ ପାଇଁ ସଂରକ୍ଷଣ ବାଧ୍ୟତାମୂଳକ ରହିଛି। ଏବେ କେବଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ବ୍ୟତୀତ ଅନ୍ୟକୌଣସି ଅନଗ୍ରସର ବର୍ଗ ପାଇଁ ସେଭଳି କୌଣସି ସଂରକ୍ଷଣ ପ୍ରାୟତଃ ନାହିଁ। ପଛୁଆ ବର୍ଗ (ଓବିସି) ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୬ପ୍ରତିଶତ ସଂରକ୍ଷଣ ପାଇଁ ସମ୍ବିଧାନରେ ଥିବା ସତ୍ତ୍ୱେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ସୀମା ଯୋଗୁଁ ତାହା ଫଳପ୍ରଦ ହୋଇପାରିନାହିଁ। ଜାତିଗତ ଜନଗଣନା ରିପୋର୍ଟ ପରେ ସମସ୍ତ ଅନଗ୍ରସର ବର୍ଗ ପାଇଁ ସଂରକ୍ଷଣ ପଥ ସୁଗମ ହେବା ନେଇ ଆଶା କରାଯାଏ। ସେହିପରି ୨୦୨୭ ଜନଗଣନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକର ସୀମା ନିର୍ଦ୍ଧାରଣ। ଯାହାକି ମହିଳା ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଆଇନରେ ପରିଣତ ହୋଇଥିବାରୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇବ। ଲୋକସଭା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ତଥା ସଂଖ୍ୟା ନେଇ ଏବେ ଦକ୍ଷିଣ ଓ ଉତ୍ତର ଭାରତ ବିବାଦ ଦେଖାଦେଇଛି। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଆସନ ସଂଖ୍ୟା ହ୍ରାସ ପାଇବା ଆଶଙ୍କା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୧ ଜନଗଣନା ରିପୋର୍ଟ ଆଧାରରେ ଦେଶରେ ଲୋକସଭା ଆସନ ସଂଖ୍ୟା ନିର୍ଦ୍ଧାରଣ ହୋଇଥିବାରୁ ଏଭଳି ଆଶଙ୍କା ସୃଷ୍ଟି ହେବା ସ୍ୱଭାବିକ। ଅନ୍ୟପଟେ ଉତ୍ତର ଭାରତୀୟ ରାଜ୍ୟଗୁଡିକରେ ଜନସଂଖ୍ୟା ବୃଦ୍ଧି ପାଇଥିବାରୁ ସେହି ଅନୁପାତରେ ଆସନ ସଂଖ୍ୟା ବଢିବ, ଏଥିରେ ସନ୍ଦେହ ନାହିଁ। ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ। ଆହୁରି ମଧ୍ୟ ଜନଗଣନା ରିପୋର୍ଟ ହେଉଛି ଗୋଟିଏ ଦେଶର ଦର୍ପଣ। ଯେଉଁଥିରୁ ଦେଶର ଧନୀ-ଗରିବ, ସହର-ଗ୍ରାମାଞ୍ଚଳର ତାରତମ୍ୟ, ଲୋକଙ୍କ ଆୟ, ନିଯୁକ୍ତି, ଶିକ୍ଷା, ଆର୍ଥୀକ ସ୍ଥିତି ଜଣାପଡେ। ନୀତି ନିର୍ଦ୍ଧାରକମାନେ ଏହାକୁ ନେଇ ଯୋଜନା ପ୍ରସ୍ତୁତ କରିଥାନ୍ତି। ଜନଗଣନା ଯେ, ଏକ ଅମୂଲ୍ୟ ଦସ୍ତାବିଜ ଏହା ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଆମଦେଶରେ ଶେଷଥର ପାଇଁ ୨୦୧୧ରେ ଜନଗଣନା କରାଯାଇଥିଲା। ପ୍ରତି ୧୦ବର୍ଷରେ ହେଉଥିବା ଜନଗଣନା ୨୦୨୧ରେ ହେବାର ଥିଲା। ମାତ୍ର ମହାମାରୀ କାଳରେ କେବଳ ଭାରତ ନୁହେଁ, ବିଶ୍ୱର ୧୮୭ଟି ରାଷ୍ଟ୍ର ଜନଗଣନାକୁ ସ୍ଥଗିତ ରଖିଥିଲେ। ମହାମାରୀ ପରେ ୧୪୩ ରାଷ୍ଟ୍ର ଜନଗଣନା କରିଥିବାବେଳେ ଭାରତ ସହ ୪୪ଟି ରାଷ୍ଟ୍ର କରି ନାହାଁନ୍ତି। ଦେଶରେ ଏଥର ଜାତିଗଣନା ସହ ଜନଗଣନା ହେଉଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଜନଗଣନା ରିପୋର୍ଟ ପ୍ରକାଶ ପାଏ, ତେବେ ନିର୍ବାଚନରେ ଏହା ଗେମ ଚେଞ୍ଜର ହୋଇପାରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୩୭

## ଜରାସନ୍ଧ ବୃତ୍ତାନ୍ତ-(୩)



ଶ୍ରୀକୃଷ୍ଣ, ଭୀମସେନ୍ ଓ ଅର୍ଜୁନ। ବର୍ତ୍ତମାନ ବ୍ରାହ୍ମଣ ବେଶ ସେମାନଙ୍କର। ପିନ୍ଧିଛନ୍ତି ବଲ୍‌କଳ ଓ ହାତରେ ଧରିଛନ୍ତି ଦରଭା ଘାସ। ଏହିପରି ଛଦ୍ମବେଶରେ ସେମାନେ ପ୍ରବେଶ କଲେ ମଗଧ ରାଜ୍ୟରେ। ଏବଂ ଖୁବ୍ ଶୀଘ୍ର ରାଜଧାନୀରେ।

ସେ ସମୟକୁ, ଜରାସନ୍ଧକୁ ଦେଖାଯାଇଥିଲା କେତେକ ଅଶୁଭ ଶକୁନ। ବିପଦ ଆସୁଛି, ମନେକରୁଥିଲେ ଜରାସନ୍ଧ। ଆଶୁ ବିପଦରୁ ରକ୍ଷା ପାଇବା ପାଇଁ ବ୍ରାହ୍ମଣମାନଙ୍କ ସହାୟତାରେ ଜରାସନ୍ଧ ପୂଜାର୍ଚ୍ଚନା କରୁଥିଲେ। ସେ ଉପବାସ କରିଥିଲେ। ସେହି ସମୟରେ ତିନିଜଣ ଛଦ୍ମବେଶୀ ବ୍ରାହ୍ମଣ ଜରାସନ୍ଧର ପ୍ରାସାଦ ମଧ୍ୟରେ ପ୍ରବେଶ କଲେ। ଦେହରେ ପବିତ୍ର ଚିହ୍ନ ବହନକରୁଥିବା ତିନିଜଣ ବ୍ରାହ୍ମଣଙ୍କୁ ଦେଖି ଖୁସିହେଲେ ଜରାସନ୍ଧ।

"ମହାଶୟ ମାନଙ୍କର ଆସିବାର ଉଦ୍ଦେଶ୍ୟ?"- ପଚାରିଲେ ଜରାସନ୍ଧ।

ସମସ୍ତିଙ୍କ ତରଫରୁ କହିଲେ ଶ୍ରୀକୃଷ୍ଣ- ଏହି ଦୁଇଜଣ ବ୍ରାହ୍ମଣ ମୌନବ୍ରତ ପାଳନ କରୁଛନ୍ତି। ସେମାନେ କଥା କହିବେ ନାହିଁ। ଆଜି ମଧ୍ୟରାତ୍ରି ଗତେ ସେମାନେ କଥାକହିବେ। ମଧ୍ୟରାତ୍ରି ପରେ ତୁମେ ଆସିବ ଓ ସେମାନଙ୍କ ମୁହଁରୁ ଶୁଣିବ।

ଜରାସନ୍ଧ, ସେମାନଙ୍କୁ ଯଜ୍ଞଘରେ ରହିବାର ବନ୍ଦୋବସ୍ତ କଲେ ଓ ଫେରିଆସିଲେ ପ୍ରାସାଦକୁ। ଏବଂ କୌତୂହଳ ବଶତଃ, ମଧ୍ୟରାତ୍ରି ପରେ ନିଜେ ପୁନରାୟ ଗଲେ ଯଜ୍ଞଶାଳକୁ।

"କିଏ ତୁମେ?" - ପଚାରିଲେ ଜରାସନ୍ଧ।

ଏଥର ଛଦ୍ମବେଶୀ ବ୍ରାହ୍ମଣ ପ୍ରକାଶ କରିଦେଲେ, ସେମାନେ ପ୍ରକୃତରେ କିଏ।

"ଆମେ ତୁମର ଶତ୍ରୁ। ଆମେ ତତକ୍ଷଣାତ୍ ତୁମ ସହ ଯୁଦ୍ଧ ଚାହୁଁଚୁ।"- କହିଲେ ଶ୍ରୀକୃଷ୍ଣ, "ବର୍ତ୍ତମାନ ଆମ ମଧ୍ୟରୁ ଜଣକୁ ବାଛ କାହା ସହ ଯୁଦ୍ଧ କରିବ।"

ସେମାନେ କିଏ ଜାଣିଗଲେ ଜରାସନ୍ଧ। ଜାଣିଲା ପରେ, ସେ କହିଲେ, "ଠିକ୍ ଅଛି। ଶ୍ରୀକୃଷ୍ଣ ତୁମେ ଜଣେ ଗାଈ ଜଗୁଆଳ। ତୁମ ସହ ଯୁଦ୍ଧ ସମ୍ଭବ ନୁହଁ। ଆଉ ଅର୍ଜୁନ ଜଣେ ବାଳକପରି ଦିଶୁଚି। ବାକି ରହିଲେ ଭୀମସେନ୍। ତାଙ୍କର ଯୋଦ୍ଧାପଣ ବାବଦରେ ମୁଁ ଶୁଣିଛି। ତେଣୁ ଭୀମସେନ୍ ସହ ଯୁଦ୍ଧ କରିବି। ଯେହେତୁ ତାଙ୍କର ଅସ୍ତ୍ର ନାହିଁ, ମୁଁ ବିନା ଅସ୍ତ୍ରରେ ଯୁଦ୍ଧ କରିବି।"

ଖୁବ୍‌ଶୀଘ୍ର ଦ୍ୱନ୍ଦ୍ୱ ଯୁଦ୍ଧ ଆରମ୍ଭ ହୋଇଗଲା। ଉଭୟ ସମାସ୍କନ୍ଧ ଯୋଦ୍ଧା। କେହି କାହାକୁ ହରେଇ ପାରୁନଥିଲେ। ତେରଦିନ ଧରି ନିରବଚ୍ଛିନ୍ନ ଯୁଦ୍ଧ ଚାଲିଲା, ଖିଆପିଆ ଓ ବିଶ୍ରାମ ବ୍ୟତିରେକେ। ପରଦିନ ଜଣାଗଲା ଜରାସନ୍ଧ ଅତିଶୟ କ୍ଳାନ୍ତ। ଶ୍ରୀକୃଷ୍ଣ ଠାରରେ କହିଲେ ଭୀମସେନ୍‌ଙ୍କୁ, ଏହି ପରିସ୍ଥିତିର ସୁଯୋଗ ନେବାକୁ। ଭୀମସେନ୍ ଜରାସନ୍ଧକୁ ଉପରକୁ ଟେକିଧରି ଶହେଥର ଘୂରେଇ ଭୂଇଁରେ କାଚିଦେଲେ ଓ ତାର ଦୁଇଗୋଡକୁ ଚିରି ଦୁଇଫାଳ କରିଦେଲେ।

ଜଣାଗଲା, ଜରାସନ୍ଧ ମରିଯାଇଛି। ଭୀମସେନ୍ ଯେତେବେଳେ ଗର୍ଜନକରି ଆନନ୍ଦ ପ୍ରକାଶ କରୁଥିଲେ ଜରାସନ୍ଧ ଶରୀରର ଦୁଇଫାଳ ଯୋଡ଼ି ହୋଇଗଲା। ଏବଂ ଜରାସନ୍ଧ ଉଠି ପୁଣି ଯୁଦ୍ଧକଲା।

ଭୀମସେନ୍ ଆଶ୍ଚର୍ଯ୍ୟ! କ'ଣ ସେ କରିବେ! ଏହି ସମୟରେ ଶ୍ରୀକୃଷ୍ଣ ଘାସଟିଏ ଧରି ଛିଡ଼େଇ ଦୁଇ ବିପରୀତ ଦିଗରେ ଫୋପାଡ଼ି ଦେବାକୁ ସୂଚନା ଦେଲେ। ଭୀମସେନ୍ ବୁଝିଲେ ଓ ତାହାହିଁ କଲେ। ଜରାସନ୍ଧ ମରିଗଲା।

ଜରାସନ୍ଧର ପୁଅକୁ ମଗଧର ରାଜପଦ ଦେଇ ସେମାନେ ଇନ୍ଦ୍ରପ୍ରସ୍ଥ ଫେରିଲେ। ବନ୍ଦୀଥିବା ରାଜାମାନଙ୍କୁ ମୁକ୍ତ କରାଯାଇଥିଲା। ରାଜସୂୟ ଯଜ୍ଞ ମହା ସମାରୋହରେ ଆରମ୍ଭ ହେଲା। ଗୋଟିଏ ମାତ୍ର ଅଘଟଣକୁ ବାଦ୍‌ଦେଲେ କିଛି ହିଁ ବିଘ୍ନଥିଲା। ଯଜ୍ଞର ଶେଷ ଆଡକୁ ଶିଶୁପାଳ ଶ୍ରୀକୃଷ୍ଣଙ୍କୁ ଅପମାନ ଶବ୍ଦ କହିଲା ଓ ଯୁଦ୍ଧ ପାଇଁ ଆହ୍ୱାନ୍ ଜଣେଇଲା। ଶିଶୁପାଳର ମସ୍ତକ ଛିନ୍ନ କରିଦେଇଥିଲେ ଶ୍ରୀକୃଷ୍ଣ।

ରାଜସୂୟ ଯଜ୍ଞ ଶେଷହେଲା। ସେବେଠାରୁ ଯୁଧିଷ୍ଠିର ହେଲେ ସମ୍ରାଟ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଆ'ରେ ବରଷା ଆ'



*କୀର୍ତ୍ତନ ସାହୁ*

ଆ'ରେ ବରଷା ଆ'
ଡେରି ନ କରିରେ ଆ'
ଗଛ ଲତା ମାଟି
ପାଣି ପବନକୁ
ଶୀତଳ କରି ତୁ ଯା'

ଚରିଆଡେ ଖାଲି
ଶୁନଶାନ ଲାଗେ
କିଏ ଦିଶେ କାଆଁ ଭାଆଁ

ଝିଙ୍କାରୀ ଗାଉଛି ରାଆଁ
ମୁଣ୍ଡ ମାରି ନିଏ ଝାଆଁ
ଆକୁଳ ହୋଇକି
ଚାହିଁ ରହିଛନ୍ତି
ସହର ହେଉ କି ଗାଁ

ବହୁଛି ଗରମ ବା'
ମାଟି ଫାଟି କରେ ଆଁ
ଖରାରେ ପଦାକୁ
ବାହାରି ହେଉନି
ଯେ ଯାଉଛି କର ନା'

ଶୁଭୁ ନାହିଁ ଡୋ' ଡା'
ନାହିଁ କିଛି ଘୋ' ଘା'

ଆ'ରେ ବରଷା ଆ'
କଳା ମେଘ ଦେହେ ଆ'
କୋଉଠି ଅଛୁରେ
ବେଗି ଟିକେ ଆସି
ବରଷି ଦେଇ ତୁ ଯା'।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଆସୁଚି ଆଗକୁ ରଜ...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଜେଜେ ମୁହଁ ଚାହିଁ କୁନାଟି କହିଲା
ଆଗକୁ ଆସୁଚି ରଜ
ଗଛ ସବୁ ପଦା, ଖେଳିବି କେଉଁଠି
ମୁଇଁ ହୋଇ ସଜବାଜ।
ଗାଁ ତୋଟାମାଳ ଆଖିକି ଦିଶୁନି
ସବୁଜିମା ନାଇଁ ଆଉ
ଘରେ ପଡ଼ିଅଛି ପ୍ଲାଷ୍ଟିକ ଝୁଲାଟେ
ଆସିବ କାମକୁ କୋଉ।
ଜେଜେ ତ କହିଲେ: ଶୁଣୁ ଧନଟା
ମୁହଁ ଶୁଖେଇଚୁ କାଇଁ
ହାଟ ଯାଇକରି କିଣି ମୁଁ ଆଣିଚି
ତାସ, ଲୁଡୁ ତୋର ପାଇଁ।
ଘରେ ରହି ତୁହି ତାସ ଲୁଡୁ ଖେଳ
ଖେଳିବୁ ତୁ ସାଙ୍ଗ ମେଳେ
ପୋଡ଼ପିଠା, ମିଠା, ରଜପାନ କେତେ
ଖାଇବୁରେ ଆମ ଘରେ।
ସାଙ୍ଗସାଥୀ ମେଳେ ଗାଁ ପଡ଼ିଆରେ
ଖେଳିବୁ ବାଗୁଡ଼ିଖେଳ
ରଜ ତିନିଦିନ କାଟିଦେବୁ ତୁହି
କା: ସଙ୍ଗେ ନ କରି ଗୋଳ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର*
*ଲକ୍ଷ୍ମୀ ସାଗର କେନାଲ ରୋଡ,*
*ମୋ- ୯୪୩୮୩୨୨୧୩୮*

# ଆ ସଙ୍ଗାତ ଆଲୋ ମିତ ପାଳିବା ଆମେ ରଜ

*ନଳିନୀ ଦାଶ*



ଆ ସଙ୍ଗାତ ଆଲୋ ମିତ ପାଳିବା ଆମେ ରଜ
ବରଷେ ପରେ ଆସିଛି ରଜ ହୋଇବା ସଜବାଜ
ହିଂସା ବଡେଇ ମନରୁ ଭୁଲି ହେବା ସଭିଏଁ ମେଳ
ଖୁସି ମନରେ ପାଳିବା ରଜ ନକରି କଳିଗୋଳ।

ଆକାଶୁ ବର୍ଷା ଝରି ପଡ଼ିବ ଗୀତ ଗାଇବା ବସି
ଲୁଡୁ ତାସ୍ କଉଡ଼ି ଖେଳି ରହିବା ଆମେଲୋ ଖୁସି
ରଜ ପର୍ବରେ ତୋଟା ବଗିଚା ହୁଅଇ ମୁଖରିତ
ସଭିଏଁ ମିଶି ଗାଇଦେବାଲୋ ଦୋଳିରେ ବସି ଗୀତ।

ଖାଇବା ଆମେ ନାନା ଦରବ ଆସିଛି ଏବେ ରଜ
ସଜେଇ ଦେବେ ସରାଗ ଭରି ଆମ ନୂଆ ଭାଉଜ
ନାଚ ଗୀତରେ ସରିବ ଦିନ ସାହିକୁ ଯିବା ବୁଲି
ଧରେଇଦବା ସବୁରି ହାତେ ବିଡ଼ିଆ ପାନ ଖିଲି।

ପୋଡ଼ ପିଠାକୁ ତିଆରି କରି ରଖିଛି ବୋଉ ହାତେ
ସାଥି ମେଳରେ ଖାଇବା ପିଠା ଆମେ ଆନନ୍ଦ ଚିତ୍ତେ

ଗଣ ପରବ ଆମ ଗରବ ଦିଅଇ କେତେ ଖୁସି
ବରଷା ଦେଖି ଗହିରମାନେ ଚାଷୀ ଦିଅଇ ହସି।

ପାଦେ ଅଳତା ହାତେ ମେହେନ୍ଦି କଜଳ ଦେବା ନାଇ
ମଥାରେ ବିନ୍ଦି ହାତରେ ଚୁଡ଼ି ବେଣୀ ଦବା ସଜେଇ
ଆମ୍ବ ପଣସ ପିଠାପଣାରେ ଘର ମହକି ଯାଏ
ଓଡ଼ିଆଣୀର କଣ୍ଠରୁ ଗୀତ ରଜରେ ଶୁଭୁଥାଏ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ପରବରେ ସାର ଆମ ରଜପର୍ବ...

*ରାମଚନ୍ଦ୍ର ବେହେରା*



ପରବରେ ସାର ଆମ ରଜପର୍ବ
ଆସୁଛି ସଜେଇ ହୋଇ
ସାରା ରାଜ୍ୟବାସୀ ପାଳିବେ ଏ ପର୍ବ
ପରମ୍ପରା ଆପଣାଇ।

ସଜବାଜ ଠାରୁ ଆରମ୍ଭ ହୋଇବ
ବାଣ୍ଟିବ ଖୁସି ଅଶେଷ
ଭୂଇଁ ନଅଁଣର ପବିତ୍ର ପରଶେ
ପରବ ହୋଇବ ଶେଷ।

ମାଟି ଆକାଶର ମଧୁର ମିଳନ
ହେବ ଏହି ପରବରେ
ବାଦଲ ଆସିବ ବରଷା ଝରିବ
ପବିତ୍ର ଧରା ବୁକୁରେ।
ରଜ ପର୍ବ ପାଇଁ ଗାଆଁ ଭୂଇଁ ଆଜି
ଉତ୍ସବରେ ମୁଖରିତ
ରଜ ପୋଡପିଠା ମହକି ଉଠିବ
ପ୍ରାଣ ହେବ ଉଲ୍ଲସିତ।
ଝିଅବୋହୂ ମାନେ ରଜପାନ ଖାଇ
ବୁଲିବେ ଗାଆଁ ଦାଣ୍ଡରେ
ଚନ୍ଦନ କୁଙ୍କୁମ ମଥାରେ ସଜେଇ
ଝୁଲିବେ ରଜ ଦୋଳିରେ।
ବାଗୁଡି କବାଡି ଲୁଡୁ ପଶାପାଲି
ପରାଣେ ଭରିବ ଖୁସି
ଭସା ବାଦଲକୁ ଦେଖି ଆକାଶରେ
ଆନନ୍ଦେ ହସିବ ଚାଷୀ।
ରଜ ଆଣିଦେବ ଭାଇଚାରା ଭାବ
ଦୂର ହେବ ରାଗ ରୋଷ
ଆମ୍ବ ପଣସର ମଧୁର ସୁବାସ
କରିବ ପରାଣ ତୋଷ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ମୁଁ ଅଟେ ରଜ ଦୋଳି

*ମହେନ୍ଦ୍ର କୁମାର ଘଡ଼େଇ*



ବିରାଟ ଗଛ ଓହଳ ତଳେ
ବାଉଁଶ ରସି ପଟାର ବଳେ
ଉପର ତଳ ଝୁଲେ
ପିଠିରେ ମୋର ବସାଇ ଲୋକ
ଚରିକି ପରି ବୁଲେ।
ଛୁଆଁ ଅଛୁଆଁ ଧନୀ ଗରୀବ
ଆପଣା ମଣି ନିଏ ସରବ
ମୁଁ ଅଟେ ରଜ ଦୋଳି
ବରଷେ ପରେ ଋତୁ ଚକରେ
ପଡଇ ମୋର ପାଳି।

କାମରେ କରେ କେଁ କଟକଟ
ହୁପା ଠେଲାରେ ଝଅଟ ଝଟ
ବଢ଼ାଏ ବଳ ଚିତ୍ତ
ପିଲାରୁ ବଡ଼ ସଭିଏଁ ମୋର
ଜାଣ ଅସଲ ମିତ।
ଜାମା ପାଦୁକା ପିନ୍ଧି ସରସ
ନକରି ଭୂଇଁ ପାଦେ ପରସ
ପିଠାପଣାକୁ ଖାଇ
ହସ ଖୁସିରେ ମୋ' ନାଆଁରେ
ଯାଆନ୍ତି ଗୀତ ଗାଇ।
ମୋ' ପାଇଁ ହସି ଉଠଇଁ ଗାଆଁ
କାମ ଶେଷରେ ଫେରନ୍ତି ଛାଆଁ
ବିବାଦ ଯାଏ ତୁଟି
ବସୁମତିର ପୂଜା ପରକୁ
ଚଷା ଚଷଇଁ ମାଟି।
ଭାଇଚାରାରେ ବାନ୍ଧିବା କଥା
ଛୁଇଁଲା ଥରେ ଯାହାର ମଥା
ମୋ' ପରି ଖୋଜା ହେବ
ମନରୁ ତା'ର ମିଛ ଗରବ
କୁଆଡ଼େ ହଜିଯିବ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା,*
*ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଆସିଛି ରଜ

*ସୁଧାକର ରାଉତ*



ବରଷକ ପରେ ରଜ
ଆସିଅଛି ପରା ସୁଖ ବାଣ୍ଟିବାକୁ
ହେବା ଆସ ସଜ ବାଜ।

ଏଇ ତିନି ଦିନ ପାଇଁ
ଛୁଟି ସାରା ଆମେ ଚାହିଁ ରହିଥିଲୁ
କେତେ ସପନ କୁ ନେଇ।

ରାଗ ରୋଷ ଯିବା ଭୁଲି
ଲୁଡୁ, ବୋହୂଚୋରୀ, ପୁଚିଖେଳେ ମାତି
ହସି ହସାଇବା ବୁଲି।

ନୂଆ ଜାମା ପଟା ପିନ୍ଧି
ସମୟ କାଟିବା ସାଙ୍ଗ ସାଥି ମେଳେ
ସିନିହ ଡୋରୀରେ ବାନ୍ଧି।

କାକରା, ଚକୁଳି, ମିଠା
ସହିତ ରଜର ନିଆରା ଦରବ
ଖାଇବାଟି ପୋଡ଼ ପିଠା।

ଗଛରେ ଲାଗିଛି ଦୋଳି
ଗୀତ ଗାଇ ଗାଇ ଝୁଲିବା ତହିଁରେ
ହୋଇଣ ସଭିଏଁ ମେଳି।

ସୂରୁଜ ଦେବଙ୍କ କୋପ
କମିବ ଏଥର ମେଘ ଡାକିଲାଣି
ବର୍ଷା ଦେଖାଇବ ରୂପ।

ଚଷା ଭାଇ ଦୁଃଖ ଯିବ
ଶୁଖିଲା ଜମି ତା ବର୍ଷା ଜଳ ପାଇ
ମନେ ମନେ କୁରୁଳିବ।

ଆମ ସଂସ୍କୃତିର ଖ୍ୟାତି
ପରବ ପର୍ବାଣୀ ଗାନ କରୁଥିବେ
ଥିବା ଯାଏ ଆମ ଜାତି।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*



# ତୁମ ତୂଳୀରୁ ...



ଉପମିତା ଦାସ,
ଶ୍ରେଣୀ-୪ର୍ଥ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଆସିଛି ରଜ ହେବ ମଉଜ



*ପ୍ରଶାନ୍ତ କୁମାର ଦାଶ*

ସୁନ୍ଦର ସାଜସଜାରେ ପୁଣି
ହସୁଚି ପଲ୍ଲୀପୁର ।।

ତୋଟା ଗଛର ଛାଇରେ ବସି
ଆସିବା ଯାଏଁ ରାତି
ତାଆସ ଲୁଡୁ କଉଡି ଖେଳେ
ଯିବାରେ ଆମେ ମାତି ।।

ଖାଇବା ବୋଉ ହାତତିଆରି
ସୁସ୍ୱାଦୁ ପୋଡପିଠା
ଆମଘରକୁ ଆସିବେ ମାମୁ
ଆଣିକି କେତେ ମିଠା ।।

ଆସିଛି ରଜ ମଜା ମଉଜ
କରିବା ମିଳି ମିଶି
ପିନ୍ଧିବା ନୂଆ ପୋଷାକ ଆମେ
ଖୁସୀରେ ହସି ହସି ।।

ଗାଆଁ ସାହିରେ ହେବତ ଯାତ
ଖୁସୀ ମଉଜି ମେଳା
ସଭିଙ୍କ ସୁଖ ଆନନ୍ଦ ପାଇଁ
ବିଭୂଙ୍କ ଲୀଳା ଖେଳା ।।

ଗଛରେ ଯାଇ ଦୋଳିଲାଗଇ
ଖେଳିବା ଦୋଳି ଖେଳ
ମନହରଷେ ଫେରିବା ଘରେ
ବାହୁଡ଼ିଗଲେ ବେଳ ।।

ରଜତ ଆମ ଗଣ ପରବ
ନିଆରା ଲାଗେ ସେତ
ମିଳି ମିଶିକି ହସି ହସିକି
ଗାଇବା ବସି ଗୀତ ।।

ଗାଇବା ଗୀତ ସଙ୍ଗାତ ମିତ
ଦୁଃଖକୁ କରି ଦୂର

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*



ବିଜୟଲକ୍ଷ୍ମୀ ପାଣିଗ୍ରାହି



# ମଢ଼ାଘର

ଏକା ନିଃଶ୍ୱାସରେ ପିକୁନ ପଚାରି ଚାଲିଛି ପ୍ରଶ୍ନ ପରେ ପ୍ରଶ୍ନ। ରଞ୍ଜିତା ଭାବି ପାରିଲେ ନାହିଁ କ'ଣ ହୋଇଛି। ବାରମ୍ବାର ତାକୁ ତାଗିଦ କରିଥିବା ସତ୍ତ୍ୱେ କାଳେ ଚଳନ୍ତା ଟ୍ରେନ୍‌ରୁ ବାହାରକୁ ଚାହୁଁଥିଲା କି? କ'ଣ ପାଇଁ ତା' ମନରେ ଏତେ ପ୍ରଶ୍ନ? ଭାଇ ଭଉଣୀ ମିଶି କ'ଣ ବା କଥା ହେଲେ ନା ମୋବାଇଲ୍‌ରୁ କିଛି ଦେଖିଥିଲେ? ନା ସ୍ୱପ୍ନରେ...

ଏମିତି ବି ସେମାନେ ସମସ୍ତେ ଦଶ ଘଣ୍ଟା ହେଲା ଟ୍ରେନ୍‌ରେ ଅଛନ୍ତି। ସତରେ କିଛି ଘଟିଲା କି? ଯାହା ସାମାଜିକ ଗଣମାଧ୍ୟମରେ ପ୍ରସାର ହୋଇଛି। ଏମିତି ତ ଦେଶରୁ ଯୁଦ୍ଧର ଭୟ ଏ ପର୍ଯ୍ୟନ୍ତ ଲିଭିନି। ସମସ୍ତେ ଆତଙ୍କ ଘେରରେ ଝୁଲିକି ରହିଛନ୍ତି। ପହେଲଗାଁର ଦୁର୍ଘଟଣା ପରେ ମାଉଣ୍ଟ ଆବୁ ଯିବା କାର୍ଯ୍ୟକ୍ରମ ବାତିଲ୍ କରାଗଲା। ପୁଅ ପିକୁନ କହିଲା, 'ଏତେବଡ ଖରାଛୁଟି! କ'ଣ ଘରେ ବସିବା ପାଇଁ? ଆମକୁ ମାମୁଘରକୁ ନିଅ।' ସେଥିପାଇଁ ସେ ପିଲା ଦୁହିଁଙ୍କୁ ଧରି ଜୟପୁରରୁ ବାହାରିଛନ୍ତି ବାଲୁଗାଁ।

ଜୟପୁରରୁ ରାୟଗଡା ପର୍ଯ୍ୟନ୍ତ ପ୍ରାକୃତିକ ଦୃଶ୍ୟରେ ବିଭୋର ହୋଇ ଉଭୟ କେତେ ଫଟୋ ଭିଡିଓ କରିଛନ୍ତି। ଟନେଲ ଗୁଡିକର ମଜା ଲୁଟିଛନ୍ତି। ମାଳିଗୁଡା ଉଚ୍ଚତମ ବ୍ରିଜ୍ ପାଖ ଗାଆଁର ଦୃଶ୍ୟ ଦେଖାଇ ମାଆର ସ୍କୁଲକୁ ଠଉରେଇଛନ୍ତି। ଡୁମୁରିପୁଟର ବିଶାଳ ହନୁମାନ ମୂର୍ତ୍ତି ହେଉ ଅବା ସୁନାବେଡା ଓ ଦାମନଯୋଡି ଭଳି ଆଲୋକିତ ସହରର ଦୃଶ୍ୟ ଦେଖି ତାକୁ କଏଦ କରିଛନ୍ତି ମୋବାଇଲ କ୍ୟାମେରାରେ। ଆଇ ଘରର ପଡୋଶୀ ଘର ରହୁଥିବା ବୁଢ଼ୀ ଆଈଙ୍କୁ ଦେଖାଇ କହିବେ, 'ଦେଖ ଆଈ, ଆମ କୋରାପୁଟ କେତେ ସୁନ୍ଦର!' ତା'ପରେ ମୋବାଇଲ୍‌ରୁ କ'ଣ ଗୋଟେ ଦେଖୁଦେଖୁ ନିଦ ଆସୁଥିବା ପିଲା ଦୁହିଁଙ୍କୁ ଶୁଆଇ ଦେଇ ରଞ୍ଜିତା ମଧ୍ୟ ବିଶ୍ରାମ ନେଇଥିଲେ।

ରାତି ପାହିବ ପାହିବ ହେଉଥିଲା। ଟ୍ରେନ୍ ଲାଗିଲା ବ୍ରହ୍ମପୁର ଷ୍ଟେସନ୍‌ରେ। କାଉ କୋଇଲିର ଶବଦରେ ନୁହେଁ, 'ଯାତ୍ରୀଗଣ ଦୟାକରି ଧ୍ୟାନଦିଅନ୍ତୁ, ଗାଡି ସଂଖ୍ୟା .... 'ଘୋଷଣାରେ ପିକୁନର ନିଦ ଭାଙ୍ଗିଗଲା। ଉପର ସିଟ୍‌ରୁ ଦିଦିକୁ ତା'ର ଚିମୁଟି ଉଠାଇ ଦେଲା। ଆଜିକାଲି ଷଷ୍ଠ ପଢିବା ପରଠାରୁ ନିଜକୁ ବଡ ଭାବୁଛି ବୋଲି ମାଆକୁ ଲାଜ କରୁଛି। ହେଲେ ଭୟ ଛାଡିନି, ସେଥିପାଇଁ ଦିଦିକୁ ତା'ର ସାଙ୍ଗ କରିଛି। ଆଖିପତା ପକାଇ ରହିଥିବା ରଞ୍ଜିତା ଏ ସବୁ ଜାଣୁଥିଲେ...

-ଦିଦି! ମୋ ସହିତ ଟିକେଆସ। ମୋତେ ଜୋର୍‌ରେ... ଲାଗିଲାଣି।

-ଠିକ୍ ଅଛି, ମାଆକୁ ଉଠାନା। ଚାଲ ଆମେ ଦୁହେଁ ଯିବା।

ବାସ୍...ତା'ପର ତିନି ମିନିଟ ପରେ ପିକୁନ ଦୌଡ଼ି ଆସି ରଞ୍ଜିତାଙ୍କୁ କୁଣ୍ଢେଇ ଧରିଲା। ତା'ପରେ ତ ଏଇ ପ୍ରଶ୍ନ...।

'ମାଆ... ମାଆ! ପୁଣି କୋଭିଡ ଫେରି ଆସିଲାକି? ନା ପାକିସ୍ଥାନ ପୁଣି ଆକ୍ରମଣ କଲା? ଯୁଦ୍ଧ ପରା ବନ୍ଦ ରହିଥିଲା? କ'ଣ ହେଲେ ତ ଗୋଟେ ହୋଇଛି। ନହେଲେ ଏତେ ଲୋକ... ଏକା ସାଙ୍ଗରେ... ପୁଣି ଟ୍ରେନ୍‌ର ମଢ଼ାଘରେ?'

-ଆରେ... କ'ଣ ହେଲା ଠିକ୍ ଭାବେ ତ କୁହ।

-ପରିଶ୍ରାଘର ଭିତରପଟରୁ ବନ୍ଦ ଥିବା ଦେଖି ଆମେ ଅନ୍ୟ ବଗିର ପରିଶ୍ରାଘରକୁ ଯାଉଥିଲୁ। ସେ ବଗିରେ କାଚ କବାଟ ଲାଗିଛି। ଦିଦି ତାକୁ ଠେଲିଲା ଆଉ ମୁଁ ଭିତରକୁ ଗଲି। ମାଆ ତମେ ଦେଖିନ, ସେ ବଗି ସାରା ପର୍ଦ୍ଦା ଝୁଲୁଛି। ପ୍ରତ୍ୟେକ ସିଟ୍‌ରେ ଧଳା ବେଡ୍‌ସିଟ୍‌ରେ ଘୋଡେଇ ହୋଇ ଏତେ ଲୋକ? ଫିଲ୍ମରେ ଦେଖିଥିବା ଦୃଶ୍ୟ ମୋର ମନେପଡ଼ିଗଲା। କବାଟ ଖୋଲୁ ଖୋଲୁ କୁହୁଡି ଭଳି ଥଣ୍ଡା ଗ୍ୟାସ୍ ଭାସି ଆସିବ। ଘରସାରା ଧଳା କନା ଘୋଡେଇ ହୋଇ ମଢ଼ା ପଡି ରହିଥିବେ। ତାକୁ ଶବଗୃହ କହିବେ ନି କି? ଦିଦି କହୁଥିଲା, ପରୀକ୍ଷା ନିରୀକ୍ଷା ପାଇଁ ସେଠାରେ ଶବଗୁଡିକୁ ରଖାଯାଇଥାଏ। ଯାହାକୁ ଆମେ ମଢ଼ାଘର କହିବା। ସେଇଟା ମୁଁ ଏଠାରେ ଦେଖିଲି। ମଢ଼ାଘର... ! ପୁଣି ଟ୍ରେନ୍ ବଗିରେ? ବଡ କାକୁର୍ତ୍ତିରେ କହି ପକାଇଲା ପିକୁନ।

କଥା ଛଡେଇ ପିଙ୍କି କହିଲା- ପାଦ ଆଉ ଆଗକୁ ନକାଢି ମୋର ହାତକୁ ଭିଡିଧରିଲା ଏବଂ ପଛକୁ ଟାଣି ଆମ ବଗି ଆଡକୁ ଦୌଡ଼ିଲା। ମୋ କଥା କ'ଣ ଶୁଣିଲା? ଆରେ ବୋକା! ସେଇଟା ମଢ଼ାଘର ନୁହେଁ ଟ୍ରେନ୍‌ର ଏସି ବଗି।

ପିଲାଦୁହିଁଙ୍କୁ ଚାହିଁ ରହିଥିବା ରଞ୍ଜିତା ଦେଖିଲେ ପିକୁନର ମୁହଁ ଟିକେ ଉଉଳ ଦିଶିଲା। ତଥାପି ବାଲୁଗାଁରେ ଓହ୍ଲାଇବା ପୂର୍ବରୁ ତାକୁ ଟ୍ରେନ୍‌ର ଏସି ବଗି ବିଷୟରେ ସବୁକିଛି ବୁଝାଇବାକୁ ହେବ। ସେ ପିଙ୍କିକୁ ସିଟ୍‌ରେ ବସାଇ ପିକୁନର ହାତ ଧରି କହିଲେ- ଚାଲ ପୁଣି ଥରେ ଯିବା ତୋ ମଢ଼ାଘରକୁ...

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ-୮୨୪୯୪୫୦୦୫୦*

# ଆରସିବି ଟିମ୍ କିଣିବେ ଡିକେ ଶିବକୁମାର !

**ମୁମ୍ବାଇ**

କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଆରସିବି ଫ୍ରାଞ୍ଚାଇଜ କିଣିବା ଗୁଜବ ସମ୍ପର୍କରେ ଏକ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ଲୋକଙ୍କ ଭାବନାକୁ ଜାଣୁ ଏବଂ ସେମାନଙ୍କ ଜୀବନକୁ ସମ୍ମାନ କରୁ। ସେ ପଚାରିଲେ ଯେ ମୋତେ ଆରସିବିର କ'ଣ ଆବଶ୍ୟକତା ଅଛି ? କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି, 'ମୁଁ ପାଗଳ ନୁହେଁ। ମୁଁ କେବଳ ପିଲାଦିନରୁ କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଦସ୍ୟ। ମୋ ପାଖରେ ସମୟ ନାହିଁ, ଯଦିଓ ମୋତେ ପରିଚାଳନାର ଅଂଶ ହେବାକୁ ପ୍ରସ୍ତାବ ମିଳିଛି। ମୁଁ ରୟାଲ ଚ୍ୟାଲେଞ୍ଜ ମଧ୍ୟ ପିଉନାହିଁ।'

ବେଙ୍ଗାଲୁରୁ ଦଳାଚକଟା ସମ୍ପର୍କରେ ସେ କହିଛନ୍ତି, 'ମୁଁ ଏହା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଏହା ତଦନ୍ତାଧୀନ ଏବଂ ସମସ୍ତ ଅଧିକାରୀ ଏଥିରେ ସହଯୋଗ କରୁଛନ୍ତି। ଯଦି ଭାଜପା ଲୋକ ମଧ୍ୟ କିଛି କହିବାକୁ ଚାହାନ୍ତି, ତେବେ ସେମାନେ ମଧ୍ୟ ସେମାନଙ୍କର ମତାମତ ଦେଇପାରିବେ। ମୁଁ ନ୍ୟାୟପାଳିକା ଜଡିତ କୌଣସି ବିଷୟରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଆମେ ଭିଡ଼ ପରିଚାଳନା ଏବଂ ଏପରି ଘଟଣା ରୋକିବା ପାଇଁ ଏକ ନୀତି ନେଇ ଆସୁଛୁ।'



## ।। ଡବ୍ଲୁଟିସି ଫାଇନାଲ ।।

# ରାବଡ଼ାଙ୍କ ଘାତକ ବୋଲିଂ : ଅଷ୍ଟ୍ରେଲିଆ ୨୧୨ ରନରେ ଅଲଆଉଟ୍

**ଲର୍ଡ୍ସ**

ବୁଧବାରଠୁ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଆରମ୍ଭ ହୋଇଛି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଫାଇନାଲ୍ ମୁକାବିଲା। ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ଟାଇଟଲ୍ ମୁକାବିଲାର ପ୍ରଥମ ଦିନରେ ବୋଲରଙ୍କ ଦବ୍‌ଦବା ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୨୧୨ ରନରେ ଅଲଆଉଟ୍ ହୋଇଛି। କାଗିସୋ ରାବଡ଼ା ଓ ମାର୍କୋ ଜନସେନଙ୍କ ଘାତକ ବୋଲିଂ କରି କଙ୍ଗାରୁ ଦଳକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ୱେବଷ୍ଟର ସର୍ବାଧିକ ୭୨ ରନ ରନ କରିଥିବା ବେଳେ ଷ୍ଟିଭ ସ୍ମିଥ୍ ୬୬ ରନ କରିଛନ୍ତି। ବୋଲିଂରେ କାଗିସୋ ରାବଡ଼ା ୫୧ ରନ ଦେଇ ୫ ୱିକେଟ୍ ଓ ମାର୍କୋ ଜନସେନ ୪୯ ରନ ଦେଇ ୩ ୱିକେଟ୍ ଅକ୍ତିଆର କରିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ଆରମ୍ଭରୁ



ଡବଲ ଝଟ୍‌କା ଲାଗିଥିଲା। ୧୨ ରନ ସ୍କୋରରେ ଉସ୍ମାନ ଖୱାଜା ଖାତା ଖୋଲି ପାରି ନ ଥିଲେ। ଏହାପରେ କ୍ୟାମେରୁନ ଗ୍ରୀନ ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ। ଉଭୟ କାଗିସୋ ରାବଡ଼ାଙ୍କ ଶିକାର ହୋଇଥିଲେ। ମାର୍ନସ ଲାବୁସେନ କ୍ରିଜରେ ଜମିଥିଲେ ହେଁ ୧୭ ରନ କରି ପାଭିଲିୟନ ଫେରିଥିଲେ। ଟ୍ରେଭିସ ହେଡ(୧୧) ନିରାଶ କରିଥିଲେ। ୬୭ ରନରେ ୪ ୱିକେଟ୍ ହରାଇ ଚାପଗ୍ରସ୍ତ ହୋଇଥିଲା ଅଷ୍ଟ୍ରେଲିଆ। ଏହା ପରେ ଷ୍ଟିଭ ସ୍ମିଥ ଓ ୱେବଷ୍ଟର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ପଞ୍ଚମ ୱିକେଟ୍ ପାଇଁ ୭୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୬ ରନରେ ପହଞ୍ଚାଇ ଥିଲେ। ଚମତ୍କାର ବ୍ୟାଟିଂ କରି ସ୍ମିଥ ୬୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

ଏହି ଯୋଡ଼ି ଭାଙ୍ଗିବା ପରେ ପୁଣି ନିମ୍ନକ୍ରମରେ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଅଷ୍ଟ୍ରେଲିଆ। ଆଲେକ୍ସ କେରି ୨୩ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ପାଟ୍ କମିନ୍ସ(୧) ଓ ମିଚେଲ୍ ଷ୍ଟାର୍କ(୧) ରାବଡ଼ାଙ୍କ ବଲରେ ଆଉଟ୍ ହୋଇଥିଲେ। ଅନ୍ୟପଟେ ଦ୍ରୁତ ବ୍ୟାଟିଂ କରି ୱେବଷ୍ଟର ୯୧ ବଲରୁ ୧୧ ଚୌକା ସହ ୭୨ ରନର ଇନିଂସ ଖେଳିଥିଲେ। ୱେବଷ୍ଟରଙ୍କୁ ଆଉଟ୍ କରି ରାବଡ଼ା ନିଜର ପଞ୍ଚମ ସଫଳତା ହାସଲ କରିଥିଲେ। ନାଥନ ଲିୟନ ଖାତା ଖୋଲି ପାରି ନ ଥିଲେ। ଶେଷରେ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନରେ ଅଲଆଉଟ୍ ହୋଇଛି।

# ଅବସରର ଗୋଟିଏ ଦିନ ପରେ ପୁରନଙ୍କୁ ବଡ଼ ଦାୟିତ୍ୱ ଦେଲା ଅମ୍ବାନୀ ପରିବାର



**ମୁମ୍ବାଇ**

ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ତାଙ୍କ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ତାଙ୍କୁ ମାତ୍ର ୨୯ ବର୍ଷ। ଏତେ କମ୍ ବୟସରେ ସେ ଲିଗ୍ କ୍ରିକେଟକୁ ପ୍ରାଥମିକତା ଦେଇ ଅନ୍ତର୍ଜାତୀୟ କ୍ରିକେଟ ଛାଡ଼ି ଦେଇଥିବାରୁ ପ୍ରଶଂସକମାନେ ତାଙ୍କୁ ଟ୍ରୋଲ ମଧ୍ୟ କରୁଥିଲେ। ଏବେ ତାଙ୍କ ଅବସରର ପରଦିନ, ଏମଆଇ ନ୍ୟୁୟର୍କ ଦଳ ତାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛି, ତାଙ୍କୁ ସେମାନଙ୍କର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି।

ନିକୋଲାସ ପୁରନ ୨୦୨୩ ଏବଂ ୨୦୨୪ରେ ସମାନ ଫ୍ରାଞ୍ଚାଇଜ (ଏମଆଇ ନ୍ୟୁୟର୍କ ଦଳ) ପାଇଁ ଖେଳିଥିଲେ। ୨୦୨୩ରେ, ସେ ୮ ମ୍ୟାଚ୍‌ରେ ୩୮୮ ରନ କରିଥିଲେ, ଯେତେବେଳେ ପରବର୍ତ୍ତୀ ସିଜନରେ ସେ ୭ ମ୍ୟାଚ୍‌ରେ ୧୮୦ ରନ କରିଥିଲେ। ଉଭୟ ସିଜନରେ ସେ ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି।

ନିକୋଲାସ ପୁରନ ମେଜର ଲିଗ୍ କ୍ରିକେଟରେ ଏମଆଇ ନ୍ୟୁୟର୍କ ଦଳର ନୂତନ ଅଧିନାୟକ ହୋଇଛନ୍ତି, ଯାହା ପୂର୍ବରୁ ତାଙ୍କ ଦେଶର କିରନ ପୋଲାର୍ଡ ଏହି ଫ୍ରାଞ୍ଚାଇଜର ଅଧିନାୟକ ଥିଲେ। ପୋଲାର୍ଡ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମଧ୍ୟ ଖେଳିଛନ୍ତି। ଏମଆଇ ନ୍ୟୁୟର୍କ ମଧ୍ୟ ମୁମ୍ବାଇର ଏକ ମାଲିକାନାରେ ଥିବା ଦଳ, ଯାହାର ମାଲିକାନା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦ୍ୱାରା କରାଯାଇଛି।

ନିକୋଲାସ ପୁରନ ବିଶ୍ୱର ଅନେକ ବଡ଼ ଟି-୨୦ ଲିଗ୍‌ରେ ଖେଳନ୍ତି। ସେ ଗତ ୩ ସିଜିନ ଧରି ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ଖେଳୁଛନ୍ତି। ଏହି ସିଜିନ (୨୦୨୫) ତାଙ୍କ ବ୍ୟାଟ ବହୁତ ଭଲ ଥିଲା, ଯଦିଓ ତାଙ୍କ ଦଳ ପ୍ଲେଅଫରେ ପହଞ୍ଚି ପାରି ନ ଥିଲା। ପୁରନ ଆଇପିଏଲ ୨୦୨୫ରେ ଖେଳାଯାଇଥିବା ୧୪ ଇନିଂସରେ ୫୨୪ ରନ କରିଥିଲେ, ଯେଉଁଥିରେ ସେ ୫ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

ପୁରନ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଥିଲେ ଯେ, ସେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଉଛନ୍ତି, ଏହା ଆଶ୍ଚର୍ଯ୍ୟଜନକ ଖବର ଥିଲା କାରଣ ତାଙ୍କର ବୟସ ମାତ୍ର ୨୯ବର୍ଷ। ଯେଉଁଠାରେ ଏହି ବୟସରେ ଅନେକ କ୍ରିକେଟର ଡେବ୍ୟୁ କରନ୍ତି। ଏହା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ଏକ ବିତର୍କ ମଧ୍ୟ ଆରମ୍ଭ ହୋଇଥିଲା। ଅନେକ ଲୋକ କହିଥିଲେ ଯେ, ଟଙ୍କାକୁ ଗୁରୁତ୍ୱ ଦେଇ ସେ ୱେଷ୍ଟଇଣ୍ଡିଜ ଦଳ ଛାଡ଼ିଥିଲେ, ଯେଉଁଠାରୁ ସେ ଲିଗ୍ ଅପେକ୍ଷା ବହୁତ କମ୍ ଟଙ୍କା ପାଆନ୍ତି। ଆଇପିଏଲ ୨୦୨୫ରେ ତାଙ୍କୁ ଫ୍ରାଞ୍ଚାଇଜ ୨୧ କୋଟି ଟଙ୍କାରେ ରିଟେନ କରିଥିଲା।

# ଲର୍ଡସ୍ ଗ୍ରାଉଣ୍ଡରେ ଡନ୍ ବ୍ରାଡ୍‌ମ୍ୟାନଙ୍କ ୧୪୧ ବର୍ଷର ରେକର୍ଡ ଭାଙ୍ଗିଲେ ଷ୍ଟିଭ୍ ସ୍ମିଥ୍

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର ପ୍ରମୁଖ ବ୍ୟାଟର ଷ୍ଟିଭ୍ ସ୍ମିଥ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲୁଟିସି) ଫାଇନାଲର ପ୍ରଥମ ଦିନରେ ଐତିହାସିକ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଜଣେ ବିଦେଶୀ ବ୍ୟାଟର ଭାବେ ସର୍ବାଧିକ ରନ୍ ସଂଗ୍ରହର ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ୧୧୨ ବଲରୁ ୬୬ ରନର ଇନିଂସରେ, ଯେଉଁଥିରେ ୧୦ଟି ବାଉଣ୍ଡାରୀ ଥିଲା, ସ୍ମିଥ୍ ଅଷ୍ଟ୍ରେଲିଆର ଅନ୍ୟ ଖେଳାଳି ୱାରେନ୍ ବାର୍ଡସ୍ଲେଙ୍କ ୭ ଇନିଂସରେ ୫୭୫ ରନ୍ (ହାରାହାରି ୧୧୫) ରେକର୍ଡକୁ ଅତିକ୍ରମ କରି ଏହି ବିରାଟ କୃତିତ୍ୱ ହାସଲ କରିଛନ୍ତି, ଯାହା ଇତିହାସରେ 'କ୍ରିକେଟର ଘର' ଭାବେ ପରିଚିତ।

ସ୍ମିଥ୍ ମଧ୍ୟ ଦିଗ୍‌ଗଜ ବ୍ୟାଟର ଡନ୍ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିଛନ୍ତି, ଯିଏ ଲର୍ଡସରେ ୮ ଇନିଂସରେ ୫୫୧ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟ ଇଣ୍ଡିଜର ମହାନ ଖେଳାଳି ଗ୍ୟାରି ସୋବର୍ସଙ୍କ ସଂଗ୍ରହ ଥିଲା ୫୭୧।



୫୯୧ ରନ୍ ସହିତ ସ୍ମିଥ୍ ବର୍ତ୍ତମାନ ୧୪୧ ବର୍ଷରେ (୧୮୮୪ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଲର୍ଡସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟକୁ ଆଧାର କରି) ପ୍ରଥମ ଅଣ-ଇଂରେଜ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି, ଯିଏ ଏହି ଗ୍ରାଉଣ୍ଡରେ ୫୯୦ ରନ୍ ଅତିକ୍ରମ କରିଛନ୍ତି।

୨୦୨୫ ଡବ୍ଲୁଟିସି ଫାଇନାଲ ପୂର୍ବରୁ, ୩୬ ବର୍ଷୀୟ ସ୍ମିଥ୍ ଏହି ଐତିହାସିକ ଷ୍ଟାଡିୟମରେ ପୂର୍ବରୁ ତିନୋଟି ଅର୍ଦ୍ଧଶତକ ଓ ଦୁଇଟି ଶତକ ହାସଲ କରିଥିଲେ, ଯେଉଁଥିରେ ୨୦୧୫ରେ ଇଂଲଣ୍ଡ ବିପକ୍ଷେ ଦ୍ୱିତୀୟ ଆସେସ୍ ଟେଷ୍ଟରେ ୨୧୫ ରନର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରହିଛି।

୬୬ ରନର ଇନିଂସ ସହିତ ସ୍ମିଥ୍ ଗତ ୬ଟି ଟେଷ୍ଟରେ ଅଷ୍ଟ୍ରେଲିଆ ପାଇଁ ଚାରୋଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଇନିଂସ ସ୍ମିଥଙ୍କୁ ଡବ୍ଲୁଟିସି ଫାଇନାଲରେ ଏକାଧିକ ୫୦-ରୁ ଅଧିକ ସ୍କୋର କରିଥିବା ପ୍ରଥମ ଓ ଏକମାତ୍ର ବ୍ୟାଟର ଭାବେ ପରିଚୟ ଦେଇଛି।

ସ୍ମିଥ୍ ବର୍ତ୍ତମାନ ଇଂଲଣ୍ଡ ମାଟିରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ଅଣ-ଇଂରେଜ ବ୍ୟାଟର ଭାବେ ସର୍ବାଧିକ ୫୦-ରୁ ଅଧିକ ସ୍କୋରର ରେକର୍ଡ କରିଛନ୍ତି। ସ୍ମିଥଙ୍କ ନାମରେ ଇଂଲଣ୍ଡରେ ଟେଷ୍ଟରେ ୧୮ଟି ୫୦-ରୁ ଅଧିକ ସ୍କୋର ରହିଛି, ଯାହା ଦିଗଜ ବ୍ୟାଟର ଆଲାନ ବର୍ଡର ଓ ଭିଭ ରିଚାର୍ଡସଙ୍କ ୧୭ଟି ୫୦-ରୁ ଅଧିକ ଟେଷ୍ଟ ସ୍କୋରକୁ ଅତିକ୍ରମ କରିଛି। ଅଷ୍ଟ୍ରେଲିଆ ଦୁଇ ବର୍ଷ ପୂର୍ବେ ଭାରତକୁ ଫାଇନାଲରେ ହରାଇ ଜିତିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ମେସ୍ ପୁନର୍ବାର ଧରି ରଖିବାକୁ ଆଶା ରଖିଛି।

# ଯୁବ ହଷ୍ଟେଲର ସନ୍ତରଣ ପ୍ରତିଯୋଗିତା ସମ୍ପନ୍ନ




**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ଓ ରାଉରକେଲା କ୍ଲବର ମିଳିତ ଆନୁକୂଲ୍ୟରେ ସନ୍ତରଣ ପ୍ରତିଯୋଗିତା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହଷ୍ଟେଲର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱ ଓ ଆଶିଷ ବିର୍ସା ହେମ୍ବ୍ରମଙ୍କ ସଂଯୋଜନାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆରଏସପି ର ଆଭ୍ୟନ୍ତରୀଣ ଅଡିଟର ସିଜିଏମ ଡ. ଗିରିଜା ଶଙ୍କର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ, ସନ୍ତରଣ ଏକ ଭଲ ବ୍ୟାୟାମ ସହ ଏହା ସମସ୍ତଙ୍କ ପାଇଁ ଆବଶ୍ୟକ ବୋଲି ମତ ରଖିଥିଲେ। ଏହି ଅବସରରେ ସନ୍ତରଣ ପ୍ରତିଯୋଗିତା ୪ ଭାଗରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଇତିହାସ ସମ୍ପର୍କରେ ବକ୍ତବ୍ୟ, ସାଂଗଠନିକ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁଶ୍ରୀ ଶ୍ରଦ୍ଧାଶ୍ରୀ ପଟ୍ଟନାୟକ, ଅନୁଶ୍ୱେତା ହେମ୍ବ୍ରମ, ବିଷ୍ଣୁ ପ୍ରିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ଶେଷରେ ଉପସଭାପତି ଗୋରଖନାଥ ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସମରକାନ୍ତ ମଲ୍ଲିକ, ଏସ ଏନ୍ ଲେଙ୍କା, ସରୋଜ କୁମାର ପଟ୍ଟନାୟକ, ଦେବାଶିଷ ମହାନ୍ତି, ରଞ୍ଜନ କୁମାର ବାରିକ, ସୁଚିତ୍ରା ମଲ୍ଲିକ, ଲୁସି ଦାଶ, ମୀନାକ୍ଷୀ ପାଢ଼ୀ, ନାରାୟଣ ପ୍ରସାଦ ମହନ୍ତ, କାମିନୀ ମହନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜେପିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ଗ୍ରାମ ପଞ୍ଚାୟତରେ ସନ୍ଧ୍ୟା ୭ ଘଟିକା ସମୟରେ ଭାରତୀୟ ଜନତା ପାର୍ଟି ବିଜେପି ପକ୍ଷରୁ ଏକ ସାଙ୍ଗଠାନିକ କର୍ମୀ ବୈଠକ ସାଙ୍ଗକୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ନାଙ୍ଗୁଡ଼ସାହି ସ୍ଥିତ ପଞ୍ଚାୟତ ବିଜେପି ସଭାପତି ସପନ ଜେନା (ଶିବୁ ଭାଇ)ଙ୍କ ବାସଭବନରେ ଆୟୋଜିତ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବରେ ସ୍ଥାନୀୟ ପୂର୍ବତନ ବ୍ଲକ ଉପାଧକ୍ଷ ତଥା ବର୍ତ୍ତମାନର ପଞ୍ଚାୟତ ସମିତି ସଭ୍ୟ ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିଲା। ଶ୍ରୀ ପ୍ରଧାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଥା ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରି ଲୋକଙ୍କୁ ସଚେତନତା କରିଥିଲେ। ଏହାସହିତ ନଛିମପୁର ଗ୍ରାମପଞ୍ଚାୟତ ର ମୁଖ୍ୟତଃ ବିକାଶମୂଳକ କାର୍ଯ୍ୟ ଓ ବହୁ ଦିନଧରି ଭଙ୍ଗା ଫଟା ଅବସ୍ଥାରେ ପଡ଼ିରହିଥିବା ପଞ୍ଚାୟତ ନୂତନ ଅଫିସ୍ ଗୃହ ଓ ସରକାରୀ ଯୋଜନାର ସଫଳ ରୂପାୟନ ଓ ଲୋକ



ସମ୍ପର୍କ ବାବଦରେ ଦଳୀୟ କର୍ମକର୍ତ୍ତାଙ୍କୁ କହିଥିଲେ। ଉପସ୍ଥିତ ଥିବା କର୍ମୀମାନଙ୍କ ଗ୍ରାମାଞ୍ଚଳର ସମସ୍ୟା ବିଚାରକୁ ନେବା ସହିତ କେନ୍ଦ୍ର ଓ ରାଜ୍ୟର ଡବ୍ଲ ଇଞ୍ଜିନ ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ମନ୍ତ୍ରୀ ମୋହନ୍ ଚରଣ ମାଝୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଦର୍ଶ ଓ କାର୍ଯ୍ୟ କୌଶଳତା ସୁଫଳ ରୂପାୟନ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ମା'ମାନଙ୍କ ପାଇଁ ସୁଭଦ୍ରା ଯୋଜନା ବେଶ୍ ଆନନ୍ଦଦାୟକ ବୋଲି ଉକ୍ତ ସାଙ୍ଗଠନିକ କର୍ମୀ ବୈଠକ ସାଙ୍ଗକୁ ମିଶ୍ରଣ ପର୍ବରେ ସରପଞ୍ଚ ରାଜେଶ କୁମାର ଜେନା କହିଥିଲେ। ଏହି ମିଶ୍ରଣ ପର୍ବରେ କଂଗ୍ରେସ ଓ ବିଜେଡ଼ିର କର୍ମୀମାନେ ମିଶିବା ପାଇଁ ସରପଞ୍ଚଙ୍କ ଜରିଆରେ ଯୁବନେତା ବ୍ରଜଭାଇଙ୍କ ପାଖରେ ପହଞ୍ଚିଥିଲେ। ସେମାନଙ୍କର କହିବାର କଥା ଝୁନା ଭାଇ ଓ ବ୍ରଜଭାଇ ଆମର ଦୁଃଖ ସୁଖର ସାଥୀ ହୋଇ ରହିବେ ଏବଂ ଆମ ଜରିଆରେ ଜନସାଧାରଣଙ୍କ କାମ କରିବେ ବୋଲି ଆମର ବିଶ୍ୱାସ କାର୍ତ୍ତିକ ଚନ୍ଦ୍ର ଜେନା, ମଧୁସୂଦନ ଜେନା ପ୍ରକାଶ କରିବା ସହିତ ମିଶି ଥିବା ସମସ୍ତ କର୍ମୀମାନେ ତଥା ତନ୍ମଧ୍ୟରୁ ଦେବେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର କୁମାର ଦାସ, ହେମନ୍ତ ଜେନା, ସନ୍ତୋଷ କୁମାର ଜେନା, ଶଙ୍କର୍ଷଣ ପ୍ରଧାନ, ନିମାଇଁ ଚରଣ ସେନାପତି, ପବିତ୍ର ସେଠୀ, ବିରେନ୍ଦ୍ର ବିଶ୍ୱାଳ, କାପି ଦେ, ଅଭିଜିତ ଜେନା, ସଞ୍ଜୟ କୁମାର ବିଶ୍ୱାଳ, ଗୌରାଙ୍ଗ ପାତ୍ର, ମିହିର କୁମାର ଜେନା, ପ୍ରାଣକୃଷ୍ଣ ପାତ୍ର, ରତିକାନ୍ତ ଦେ, ବଂଶୀ ଧର ଜେନା, ରିବୀନ୍ଦ୍ର ପ୍ରଧାନ, ଅଶ୍ୱିନୀ ପ୍ରଧାନ, କମଳ ଲୋଚନ ପାତ୍ର, ଜୟ କୃଷ୍ଣ ଜେନା ପ୍ରମୁଖ ୨୩ ଜଣ ପରିବାର ସହ ଦଳୀୟ ଟୋପୀ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସମ୍ମାନୀତ କରାଯାଇ ଗ୍ରହଣ କରି ଭାରତୀୟ ଜନତା ପାର୍ଟିରେ ସାମିଲ୍ ହୋଇଥିଲେ। ଉକ୍ତ ସଭାରେ ସରପଞ୍ଚ ରାଜେଶ କୁମାର ଜେନା ମଞ୍ଚ ସଞ୍ଚାଳନ କରିଥିବା ଥିବା ବେଳେ ଯୁବ ନେତା କାଳିଚରଣ ଦାସ, କଣ୍ଠ ମହାନ୍ତି, ନିଶିକାନ୍ତ ଦାସ, ଚନ୍ଦନ କୁମାର ପାତ୍ର, ନିଖିଲ ଜେନା, ବ୍ରଜେନ୍ଦ୍ର ମାହାନ୍ତି, ସଞ୍ଜୀବ ସେନାପତି, ବଂଶୀଧର ପ୍ରଧାନ, ସ୍ୱରୂପ ନନ୍ଦୀ, ନିତ୍ୟାନନ୍ଦ ଦାସ, ସୁଜିତ୍ ପାତ୍ର, କେଦାର ରାଉଳ, ଅତୁଲ କୁମାର ସେଠୀ, ପଞ୍ଚାନନ ଗରି, ହେମନ୍ତ ସିଂ, ଅମର ପାତ୍ର, ରାମଚନ୍ଦ୍ର ପ୍ରଧାନଙ୍କ ସହିତ ପଞ୍ଚାୟତର ୧୩ ଜଣ ୱାର୍ଡ ସଭ୍ୟ ସହିତ ତିନି ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା।

## ଚତୁଃରାଷ୍ଟ୍ରୀୟ କନିଷ୍ଠ ହକି: ଭାରତୀୟ ଦଳରେ ଓଡ଼ିଶାରୁ ୫

**ଭୁବନେଶ୍ୱର**

ଜର୍ମାନୀର ବର୍ଲିନଠାରେ ଚଳିତମାସ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଲାଗି ହକି ଇଣ୍ଡିଆ ୨୪ଜଣିଆ ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାର ୫ଜଣ ଖେଳାଳି ବିବେକ ଲାକ୍ରା, ଅନମୋଲ ଏକ୍କା, ରୋଶନ କୁଜୁର, ରୋହିତ କୁଲୁ ଓ ଅଦ୍ରୋହିତ ଏକ୍କା ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ସହ ଘରୋଇ ଜର୍ମାନୀ, ଅଷ୍ଟ୍ରେଲିଆ ଓ ସ୍ପେନ୍ ଅଂଶଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟ ପରେ ଶୀର୍ଷ ଦୁଇ ଦଳ ଫାଇନାଲ୍ ଖେଳିବେ। ଅନ୍ୟ ଦୁଇ ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ଲଢ଼ିବେ। ଏହି ପ୍ରତିଯୋଗିତା ଭାରତୀୟ ଖେଳାଳିଙ୍କ ପାଇଁ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍ ଲାଗି ପ୍ରସ୍ତୁତି ମଞ୍ଚ ଭଳି କାମ କରିବ। ଅମିର ଅଲୀ ଭାରତୀୟ ଦଳର ଉପଅଧିନାୟକ ଥିଲା ବେଳେ ଅରାଇଜିତ ସିଂହ ହୁଣ୍ଡାଲ ଅଧିନାୟକ ନିଯୁକ୍ତ ହୋଇଛନ୍ତି।

# କଟକ ଜିଲ୍ଲା ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଦେବ ସ୍ନାନ ଯାତ୍ରା



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲିର ନେମାଳପଦ୍ମବନ ସ୍ଥିତମହାପୁରୁଷ ଅଚ୍ୟୁତାନନ୍ଦଙ୍କର ବୁଧବାର ମହାପ୍ରୟାଣ ଦିବସ। ବୁଧବାର ଥିଲା ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପୂର୍ଣ୍ଣିମା ତଥା ଦେବ ସ୍ନାନ ପୂର୍ଣ୍ଣିମା। ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ପୁରୀରେ ଅନୁଷ୍ଠିତ ହେଉଥିବାବେଳେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଅଚ୍ୟୁତାନନ୍ଦଙ୍କ ପୀଠ ବା ପଦ୍ମବନ ପୀଠରେ ମହାସମାରୋହରେ ଦେବ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଉଛି। ଏଠାରେ ବ୍ରାହ୍ମ ମୁହୂର୍ତ୍ତରୁ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପରେ ଆରମ୍ଭ ହୋଇଛି ଦେବ ସ୍ନାନ ଯାତ୍ରା। ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଏହି ପୀଠକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଲାଭ କରି ଏହି ନେମାଳ ପଦ୍ମବନ ପୀଠରେ କଠୋର ସାଧନା କରି ଅଚ୍ୟୁତାନନ୍ଦ ଆଗତ ଭବିଷ୍ୟତ ମାଳିକା ସହ ଅନେକ ଗ୍ରନ୍ଥ ରଚନା କରିଯାଇଛନ୍ତି। ପ୍ରଭୁଙ୍କ ଆଦେଶରେ ଶ୍ରୀ ଅଚ୍ୟୁତାନନ୍ଦ ଏଠାରେ ସାଧନା କଲେ ସତ କିନ୍ତୁ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେମାଳ ପଦ୍ମବନ ପୀଠକୁ ଆସିବା ପାଇଁ ଗୁହାରି କରିଥିଲେ ଆଉ ଶ୍ରୀଜଗନ୍ନାଥ ଯେ, କି ଭକ୍ତର ଭାବରେ ବନ୍ଧା। ଆଉ ଅଚ୍ୟୁତାନନ୍ଦଙ୍କୁ କହିଥିଲେ ବର୍ଷକରେ ଥରୁଟିଏ ଏହି ପଦ୍ମବନ ପୀଠକୁ ଆସିବେ। ତେଣୁ ଏହି ଦିନରେ ଶ୍ରୀଜଗନ୍ନାଥ ନେମାଳ ପଦ୍ମବନ ପୀଠକୁ ଆସନ୍ତି ବୋଲି ଶ୍ରଦ୍ଧାଳୁଙ୍କ ମନରେ ଅଗାଧ ବିଶ୍ୱାସ ରହିଛି। ତେଣୁ ଏହି ନେମାଳ ପଦ୍ମବନ ପୀଠ ଶ୍ରୀକ୍ଷେତ୍ରର ଭ୍ରମ ସୃଷ୍ଟି କରେ ଭକ୍ତର ମନରେ। ସତେ ଯେମିତି ଆଜିର ଦିନ ଶ୍ରୀକ୍ଷେତ୍ର ପାଲଟିଯାଏ ନେମାଳର ଏହି ପଦ୍ମବନ ପୀଠ। ଏଠାରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କାରାଯାଇଛି।

# ନୀଳାଚଳ ଇସ୍ପାତ ନିଗମ ଲୌହ ଖଣିରେ ବିଶ୍ୱ ପରିବେଶ ଦିବସ ପାଳିତ

**କୋଇଡ଼ା, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ ଗ୍ରୁପ୍ କମ୍ପାନୀ ନୀଳାଚଳ ନୀଳାଚଳ ଇସ୍ପାତ ନିଗମ ଲୌହ ଖଣିରେ ବିଶ୍ୱ ପରିବେଶ ଦିବସ ଉତ୍ସାହ ଓ ପ୍ରତିବଦ୍ଧତା ସହିତ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ମିଳିତ ଉଦ୍ୟମରେ ପ୍ଲାଷ୍ଟିକ ପ୍ରଦୂଷଣକୁ ହରାଇବା'। ଏହି ଦିନଟି କମ୍ପାନୀ କାର୍ଯ୍ୟ କ୍ଷେତ୍ର ଏବଂ ଏହାର ଆଖପାଖରେ ପରିବେଶ ସଂରକ୍ଷଣ ଏବଂ ଏହାର ସ୍ଥାୟିତ୍ୱ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ। ଏହି କାର୍ଯ୍ୟକ୍ରମରେ ଖଣି ମୁଖ୍ୟ ରାହୁଲ କିଶୋର ତାଙ୍କ ପରିବାର ସହ ସାମିଲ ହୋଇଥିଲେ। କାର୍ଯ୍ୟକ୍ଷେତ୍ର ଏବଂ ବ୍ୟକ୍ତିଗତ ଜୀବନରେ ସବୁଜ ପରିବେଶ ପାଇଁ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଖଣି ପରିସର ଓ ଆଖପାଖ ଗ୍ରାମରେ ଚାରା ରୋପଣ କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ




କର୍ମଚାରୀ ଓ ଗ୍ରାମବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ପରିବେଶ ଜାଗୃକତା ଓ ସମ୍ପ୍ରଦାୟ ଅଂଶଗ୍ରହଣକୁ ବୃଦ୍ଧି କରିବାକୁ ଉଦ୍ଦିଷ୍ଟ ଥିଲା।

ଯୁବପିଢ଼ିଙ୍କୁ ପରିବେଶ ସମ୍ପର୍କରେ ଜାଗ୍ରତ ଓ ସଚେତନ କରିବା ଏବଂ ସେମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ଖଣି ଏବଂ ଆଖପାଖ ଗ୍ରାମଗୁଡ଼ିକରେ ଚିତ୍ରାଙ୍କନ ଏବଂ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ପ୍ରତିଯୋଗିତାରେ ପିଲାମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିବ ସହ ଚିତ୍ରକଳା ଏବଂ ପ୍ରଭାବଶାଳୀ ସ୍ଲୋଗାନ ମାଧ୍ୟମରେ ପରିବେଶଗତ ସମସ୍ୟା ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଖଣି ମୁଖ୍ୟ, ରାହୁଲ କିଶୋର ଖଣିର ନିୟମିତ ଶ୍ରମ ଓ ପରିବେଶ ମାନଦଣ୍ଡ ରକ୍ଷାରେ ଅସାଧାରଣ ଅବଦାନ ଦେଉଥିବା କର୍ମଚାରୀମାନେକୁ ସମ୍ମାନିତ କରିଥିଲେ। ଏଭଳି କାର୍ଯ୍ୟକ୍ରମର ଆୟୋଜନ ଯୋଗେ ଏକ ସବୁଜ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଢିବା ଦିଗରେ ନୀଳାଚଳ ଆୟରନ ଓ ଖଣିର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଜେଡଏସଆଇ ହ୍ୟାକାଥନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସଫଳତା

**ବାଲେଶ୍ୱର, ନ୍ୟୁଜ୍**

ଜୈବ ବିବିଧତା ସଂରକ୍ଷଣ ଉପରେ ଆଧାରିତ ଜେଡ଼ଏସଆଇ (ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ)ର ୧୧୦-ଘଣ୍ଟିଆ ହ୍ୟାକାଥନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ଛାତ୍ରଛାତ୍ରୀଙ୍କ ଦଳ ଜାତୀୟ ପରିସରରେ ଉଲ୍ଲେଖନୀୟ ସ୍ଥାନ ଅଧିଗ୍ରହଣ କରିଛନ୍ତି। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ତାଙ୍କର ୧୧୦ ବର୍ଷୀୟ ବିଜ୍ଞାନ ସେବାକୁ ଉଦ୍‌ଯାପନ କରିବା ଉଦ୍ଦେଶ୍ୟରେ ଏହି ହ୍ୟାକାଥନର ଆୟୋଜନ କରିଥିଲେ। ମେରାଇନ ଆକ୍ୱାରିୟମ୍ ଏବଂ ଆଞ୍ଚଳିକ କେନ୍ଦ୍ର (ଏମଏଆରସି )-ଦୀଘାରେ ଆୟୋଜିତ ଆଞ୍ଚଳିକ ପର୍ଯ୍ୟାୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦଳ ସୌମ୍ୟରଞ୍ଜନ ଦାଶ (ଦଳନେତା ଓ ଅନୁସନ୍ଧାନ ସହଯୋଗୀ, ଭାରତୀୟ ହର୍ସ-ସ୍ୟୁ କ୍ରାବ ସଂରକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ର), ସହିତ ଅନନ୍ୟା ଦେବସ୍ମିତା ପାତ୍ର ଓ ଭାସ୍କର ବେଜ୍ରା (ସ୍ନାତକୋତ୍ତର ଜୀବ ବିଜ୍ଞାନ ବିଭାଗର




ଛାତ୍ରଛାତ୍ରୀ) ପ୍ରଥମ ସ୍ଥାନ ଅଧିକାର କରିଥିଲେ।

'କ୍ୟାପ୍ଟିଭ୍ ବ୍ରିଡିଂ ମଡେଲ ମାଧ୍ୟମରେ ହର୍ସ-ସ୍ୟୁ କ୍ରାବ ଜନସଂଖ୍ୟା ପୁନରୁଦ୍ଧାର', ଯାହା ଏକ ପ୍ରାଚୀନ ଓ ପରିବେଶ ପ୍ରତି ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ସଂରକ୍ଷଣ ପାଇଁ ଗଭୀର ଅନୁସନ୍ଧାନ ଅଭିଗମର ତଥ୍ୟ ଉପରେ ଆଧାରିତ ଏକ ଉପସ୍ଥାପନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିଲେ। ଜେଡ଼ଏସଆଇ, ପୁଣେ ଆଞ୍ଚଳିକ କେନ୍ଦ୍ରରେ ଆୟୋଜିତ ଜାତୀୟ ପର୍ଯ୍ୟାୟରେ ଏହି ଦଳକୁ ପ୍ରତିନିଧିତ୍ୱ କରି ସୌମ୍ୟରଞ୍ଜନ ଦାଶ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିଥିଲେ। ସମଗ୍ର ଦେଶରୁ ଆସିଥିବା ଶ୍ରେଷ୍ଠ ବୈଜ୍ଞାନିକ ଓ ନବପ୍ରବର୍ତ୍ତକମାନଙ୍କ କୃତ୍ରିମ ଇଣ୍ଟେଲିଜେନ୍ସ ଟେକ୍ନୋଲଜି ଉପସ୍ଥାପନ ମଧ୍ୟରୁ ଏହି ବୈଶିଷ୍ଟ୍ୟ ଆଧାରିତ ଉପସ୍ଥାପନ ଏକ ଦୃଢ଼ ପ୍ରଭାବ ସୃଷ୍ଟି କରିଥିଲା ଏବଂ ଫାଇନାଲ ରାଉଣ୍ଡ ପାଇଁ ଚୟନ ହୋଇଥିଲେ, ଯାହା ଜେଡ଼ଏସଆଇ ମୁଖ୍ୟାଳୟ, କୋଲକାତାରେ ଅନୁଷ୍ଠିତ ହେବାନେଇ ସୂଚୀତ କରାଯାଇଛି।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁପମ ପ୍ରେରଣା, ନିରନ୍ତର ଉଦ୍ୟମ ଏହି ସଫଳତା ପଛର କାରଣ ବୋଲି ବିଭାଗ ମୁଖ୍ୟ ମତପ୍ରକାଶ କରିଛନ୍ତି। ଦଳର ଏହି ସଫଳତାରେ ଦିଗଦର୍ଶନ ଦେଇଥିବା ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ (ନିର୍ଦ୍ଦେଶକ, ସିଆରସିଆଇଏଚଏସସି) ଡଃ ନୀଳାଦ୍ରି ଭୂଷଣ କର (ସହାୟକ ପ୍ରଫେସର, ଜୀବ ବିଜ୍ଞାନ) ଓ ଡଃ ଭାରତ ଭୂଷଣ ପଟ୍ଟନାୟକ (ଉପ ନିର୍ଦ୍ଦେଶକ, ସିଆରସିଆଇଏଚଏସସି) ଙ୍କ ମୂଲ୍ୟବାନ ସହଯୋଗ ଅବଦାନ ମଧ୍ୟ ରହିଛି।

ଏହି ସଫଳତା ଫକୀରମୋହନ ବିଶ୍ୱବିଦ୍ୟାଳୟର ଯୁବବିଜ୍ଞାନୀ ମାନଙ୍କର ସମୁଦ୍ର ଜୈବ ବିବିଧତା ଓ ସ୍ଥାୟୀ ପରିବେଶ ନବପ୍ରବର୍ତ୍ତନ ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣ କରିଛି। ଫାଇନାଲ ରାଉଣ୍ଡକୁ ଅଗ୍ରସର ହେବା ସହିତ ଏହି ଦଳ ବିଶ୍ୱବିଦ୍ୟାଳୟର ଗୌରବ ସହିତ ଏକ ଗଭୀର ସମାଜମୂଳକ ସଂରକ୍ଷଣ ଦୃଷ୍ଟିକୋଣ ଓ ଗବେଷଣାତ୍ମକ ପରିବେଶଗତ ସୁଧାର ଭାବନାକୁ ଉପସ୍ଥାପନ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ଅନ୍ୟାନ୍ୟ ଅଧିକାରୀମାନେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜୁନ ୨୦୨୫ ଗୁରୁବାର







ଭୁବନେଶ୍ୱର: ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଇସ୍କନ ମନ୍ଦିରରେ ଶ୍ରୀଜୀଉଙ୍କୁ ଦିବ୍ୟସ୍ନାନ କରାଯାଉଛି। (ଫଟୋ:ସମ୍ବାଦ କଳିକା)

# ବଡ଼ଚଣାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୮୧ ମାମଲା ପଞ୍ଜୀକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବଡ଼ଚଣା, ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର, ଦର୍ପଣ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିଆଇପିଏଫ୍ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତି ୨୦୨୪- ୨୦୨୫ର ବିଜେତା ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବି.ଆଇ.ପି.ଏଫ୍.) ବୁଧବାର ପ୍ରତିଷ୍ଠିତ 'ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ୍ ଫର୍ ହାଇୟର ଏଜୁକେସନ୍' (ପି.ଜି.ଡି.ଏସ୍.) ବିଜେତା ଭାବରେ ଛଅଜଣ ଉତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଏହି ଛାତ୍ରବୃତ୍ତି ଇଞ୍ଜିନିୟରିଂ, ମେଡିସିନ୍, ଏସ୍.ଟି.ଇ.ଏମ୍ (ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ ଏବଂ ମ୍ୟାଥମେଟିକ୍ସ) ଏବଂ ଲିବରଲ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଚାରିବର୍ଷର ଡିଗ୍ରୀ ପାଇଁ ୯୦% ଶିକ୍ଷାଗତ ଫିସ୍ ଏବଂ ଯୋଗ୍ୟ ଖର୍ଚ୍ଚକୁ ବହନ କରି, ଯାହା ପ୍ରତ୍ୟେକ ବୃତ୍ତିଧାରିଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି।

୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ, ଛଅ ଜଣ ଉତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି: ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରମୁଖ ଆଇଆଇଟି



ଇଞ୍ଜିନିୟରିଂ କରୁଛନ୍ତି । ଆଇଆଇଟି–ହାଇଦ୍ରାବାଦରେ ସନ୍ଦୀପ ସୁଭ୍ରଜିତ ସାହୁ ଏଆଇଆଇଟି– ବିଏଚୟୁ ବାରାଣାସୀରେ ତାରିଣୀ ପ୍ରସାଦ ମିଶ୍ର ଇଞ୍ଜିନିୟରିଂ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଚାରିଜଣ ଏମ୍‌ବିବିଏସ୍ କରୁଛନ୍ତି- ସତ୍ୟଜିତ ପରିଡ଼ା ଏବଂ ଆଲୋକ କୁମାର ସାହୁ ଏମ୍ସ ଭୁବନେଶ୍ୱରରେ, ଦିବ୍ୟଜ୍ୟୋତି ଜେନା କଟକର ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ, ଏବଂ ଆରିୟନ୍ ସାହୁ ଏଫ୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱରରେ ପାଠ ପଢୁଛନ୍ତି ।

ସମ୍ବର୍ଦ୍ଧନା ସମାରୋହରେ, ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ତଥା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ର ଟ୍ରଷ୍ଟି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, "ଶିକ୍ଷା ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ପ୍ରଗତି ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ" । ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରସିପ୍ ମାଧ୍ୟମରେ, ଆମେ ଭବିଷ୍ୟତର ନେତୃତ୍ୱମାନଙ୍କ ଉପରେ ବିନିଯୋଗ କରୁ ଯେଉଁମାନେ ଆମ ସମାଜରେ ନବସୃଜନ ଏବଂ ପରିବର୍ତ୍ତନ ଆଣିବେ; ଏବଂ ପରାମର୍ଶ ଅଂଶ ଏହି ଉଜ୍ଜ୍ୱଳ ଯୁବମନର ସାମଗ୍ରିକ ବିକାଶକୁ ପୋଷଣ କରିବା ଏବଂ ସେମାନଙ୍କର ପୂର୍ଣ୍ଣସମ୍ଭାବନା ହାସଲକରିବାରେ ସାହାଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିପାରିବେ।

ଇମ୍ଫା ଦ୍ୱାରା ୨୦୦୫ରେ ପ୍ରତିଷ୍ଠା କରାଯାଇଥିବା ଏହି ଛାତ୍ର ବୃତ୍ତି ପ୍ରତିଷ୍ଠିତ ବିଦ୍ୱାନ୍ ଏବଂ ଐତିହାସିକ ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ଐତିହ୍ୟକୁ ସମ୍ମାନିତ କରୁଅଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କୁ ଆର୍ଥିକ ପ୍ରତିବନ୍ଧକ ବିନା ଉଚ୍ଚଶିକ୍ଷା ହାସଲ କରିବାକୁ ସକ୍ଷମ କରିବା।

ସ୍କଲାରସିପ୍ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ବିଆଇପିଏଫ୍ ଏକ ସଂରଚିତ 'ମେଣ୍ଟରସିପ୍' ଉପାଦାନ ପ୍ରଚଳନ କରି ଏହାର ପ୍ରଭାବକୁ ବୃଦ୍ଧି କରିଛି। ସମସ୍ତ ଛାତ୍ରବୃତ୍ତି ବିଜେତା ଇମ୍ଫାର କର୍ମଚାରୀ ସ୍ୱେଚ୍ଛାସେବକ ଯୋଜନାର କାର୍ଯ୍ୟନିର୍ବାହୀ ପରାମର୍ଶଦାତାଙ୍କ ସହିତ ଯୋଡ଼ି ହୋଇଛନ୍ତି। ଏହି ପରାମର୍ଶଦାତା ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତିଗତ ପରାମର୍ଶ, ନୈତିକ ସମର୍ଥନ, ଶୈକ୍ଷିକ ମାର୍ଗଦର୍ଶନ ଏବଂ ନେକିଂ ସୁଯୋଗ ପ୍ରଦାନ କରିବ, ଯାହା ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୋଚନ କରିବାରେ ଏବଂ ଏକ ସୁଚିନ୍ତିତ କ୍ୟାରିଅର୍ ପଥ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରଥମେ ସୁରକ୍ଷା...

ନାରାୟଣନ ଭାରତର ଗଣମାଧ୍ୟମ ପ୍ରତିନିଧି ସୁରଭୀ ଗୁପ୍ତାଙ୍କୁ ଏକ ବିସ୍ତୃତ ବିବୃତ୍ତିରେ ପରିସ୍ଥିତିର ଗମ୍ଭୀରତାକୁ ନିଶ୍ଚିତ କରିଛନ୍ତି । ସେ ସୂଚିତ କରିଛନ୍ତି ଯେ ଏଲ୍‌ଓଏକ୍ସ ଲିକ୍ ଏକ ଗମ୍ଭୀର ସମସ୍ୟା ହୋଇଥିଲେ ମଧ୍ୟ ସମସ୍ତ କ୍ୟୁଏ ଏବଂ କ୍ୟୁଏ ପ୍ରୋଟୋକଲ୍ ଅନୁସରଣ କରାଯାଇଥିଲେ ଏହାକୁ ପରିଚାଳନା କରାଯାଇପାରିବ । ସେ କହିଛନ୍ତି ଯେ ଇସ୍ରୋ ଟିମ, ଆକ୍ସିଓମ ଏବଂ ସ୍ପେସ୍‌ଏକ୍ସର ବିଶେଷଜ୍ଞମାନଙ୍କ ମଧ୍ୟରେ ଆଲୋଚନା ପରେ ଲଞ୍ଚକୁ ଅନୁମୋଦନ କରିବା ପୂର୍ବରୁ ଲିକ୍ ସଂଶୋଧନ କରିବା ଏବଂ ଆବଶ୍ୟକୀୟ ବୈଧତା ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଫଳସ୍ୱରୂପ, ପ୍ରଥମ ଭାରତୀୟ ଗଗନଯାତ୍ରୀଙ୍କୁ ଆଇଏସ୍‌ଏସ୍‌କୁ ପଠାଇବା ପାଇଁ ମୂଳତଃ ଜୁନ ୧୧, ୨୦୨୫ରେ ନିର୍ଦ୍ଧାରିତ ଆକ୍ସିଓମ୍ -୪ ମିଶନକୁ ସ୍ଥଗିତ ରଖାଯାଇଥିଲା । ଏ ନେଇ ଜଣେ ଇସ୍ରୋ ଅଧିକାରୀ ଚିନ୍ତା ପ୍ରକଟ କରି କହିଛନ୍ତି ଯେ ସ୍ପେସ୍‌ଏକ୍ସ ଲଞ୍ଚ ପ୍ୟାଡରେ ସିଧାସଳଖ ଏକ ମାନବ-ମୂଲ୍ୟାୟିତ ରକେଟ୍ ଉପରେ ଏଲ୍‌ଓଏକ୍ସ ଲିକ୍ ମରାମତି କରିବାକୁ ଚେଷ୍ଟା କରୁଛି ।

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ...

ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକ୍‌ର ଅନାବରଣ କରିଥିଲେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ମୁଁ ମଧ୍ୟ ବ୍ୟକ୍ତି ଗତ ଭାବେ ସେଠାରେ ସ୍ନାନ କରି ସାଧୁ, ସନ୍ଥ, ମହାତ୍ମାମାନଙ୍କ ସହ ମିଶିବାର ସୁଯୋଗ ପାଇଥିଲି। ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାରରେ ସ୍ନାନ କରିଥାନ୍ତି। କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ। ସେହି ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ, ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ, ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତୀ ଆମ ଭାଷା ସାହିତ୍ୟ କୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି। ୨୦୩୬ ବିକଶିତ ଓଡିଶା ଓ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ। ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଏହି ଉପାଦେୟ କଫି ଟେବୁଲ ବହି ଟି ଏୟାର ପୋର୍ଟ ମାନଙ୍କରେ ରଖିଲେ ଏହା ଅନେକ ଲୋକଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି କହିବା ସହ ରଥଯାତ୍ରା ଅବସରରେ ଏହି ଭଳି ପୁସ୍ତକ ପ୍ରକାଶନ ପାଇଁ ଅନୁରୋଧ କରିଥିଲେ। ସଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ମଠର ମହନ୍ତ ମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡଃ ପ୍ରୀତି ପ୍ରତିଭା ଭୋଳ,ଡଃ ହାଡିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡଃ ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ, ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୪ ଅଧିକାରୀଙ୍କୁ ...

ଇଞ୍ଜିନିୟର ଏବଂ ଉତ୍ତର-ପୂର୍ବ ସୀମାନ୍ତ ରେଳ ଜୋନର ଆଲିପୁରଦୁଆର ଡିଭିଜନର କୋଚିଂ ଡିପୋ ଅଧିକାରୀ ଅଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ସୁରକ୍ଷା ବାହିନୀର ମର୍ଯ୍ୟାଦା ଏବଂ ଆରାମ ହେଉଛି ସର୍ବାଧିକ । ପ୍ରାଥମିକତା ଏବଂ ଏପରି ଅବହେଳା କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ। ଅଗରତାଲାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବର୍ତ୍ତମାନ ବିଏସଏଫ କର୍ମଚାରୀଙ୍କ ସୁବିଧା ଏବଂ ସମ୍ମାନ ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଉଛି। ରେଳ ମନ୍ତ୍ରଣାଳୟ ମଧ୍ୟ ସମଗ୍ର ଘଟଣାର ବିସ୍ତୃତ ତଦନ୍ତ ନିର୍ଦ୍ଦେଶ ଦେଇଛି।

## ହାତୀବେଶରେ ଦର୍ଶନ ଦେଲେ...

କରିଥିଲେ ଶ୍ରୀଜୀଉ । ଘଣ୍ଟଘଣ୍ଟା ଓ ହରିବୋଲ ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା ଶ୍ରୀକ୍ଷେତ୍ର । ପହଣ୍ଡି ବିଜେ ସମୟରେ ଠାକୁରଙ୍କୁ ଲାଗି ହୋଇଥିଲା ଚୂଳ ଓ ଟାହିଆ। ମଙ୍ଗଳ ଆଳତୀ, ମଇଲମ, ଅବକାଶ ପରେ ଆରମ୍ଭ ହୋଇଥିଲା ସ୍ନାନନୀତି । ବିଭିନ୍ନ ନୀତିକାନ୍ତି ପରେ ଶ୍ରୀମନ୍ଦିରର ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ପ୍ରତ୍ୟହ ମନ୍ତ୍ର ମାଧ୍ୟମରେ ସ୍ନାନ କରାଯାଉଥିବା ବେଳେ ଏ ସ୍ନାନ ଥିଲା ପ୍ରତ୍ୟକ୍ଷ ସ୍ନାନ, ଦିବ୍ୟସ୍ନାନ । ବଡ଼ଦାଣ୍ଡରେ ଭକ୍ତ ଭାବବିହ୍ୱଳ ହୋଇପଡିଥିଲେ । ଚାଲିଥିଲା ସ୍ନାନ ପରର ନୀତିକାନ୍ତି । ଶ୍ରୀନଅରରୁ ତାମ୍ରଯାନରେ ଶ୍ରୀମନ୍ଦିର ସ୍ନାନବେଦୀକୁ ଆସିଥିଲେ ଦାରୁଦିଅଁଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ । ପରମ୍ପରା ମୁତାବକ ଗଜପତି ସ୍ନାନମଣ୍ଡପରେ ଛେରା ପହଁରା କରିଥିଲେ । ଶେଷରେ ହାତୀବେଶ ଧାରଣ କରିଥିଲେ ମହାପ୍ରଭୁ। ପୁରୀର ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠ ପକ୍ଷରୁ ପ୍ରଦତ୍ତ ହାତୀ ବା ଗଜାନନ ବେଶରେ ଦାରୁବ୍ରହ୍ମଙ୍କୁ ସଜାଇ ଦିଆଯାଇଥିଲା । ବିଶ୍ୱାସ ରହିଛି, ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କ ଇଚ୍ଛା ପୂରଣ କରିବାକୁ ମହାପ୍ରଭୁ ଏହି ବେଶ ଧାରଣ କରିଥିଲେ । ସେହିଦିନଠାରୁ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଏହି ପରମ୍ପରା ଚଳି ଆସୁଛି । ସ୍ନାନଯାତ୍ରାରେ ଶ୍ରୀଜୀଉ ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଆସୁଛନ୍ତି । ସ୍ନାନଯାତ୍ରା ପରେ ଆଉ ରତ୍ନବେଦୀକୁ ଫେରନ୍ତି ନାହିଁ ଠାକୁର । ଅତ୍ୟଧିକ ଗାଧୋଇବା ଯୋଗୁଁ ଭାଇ ଓ ଭଉଣୀଙ୍କ ସହ ଜ୍ୱରରେ ପଡିଥାନ୍ତି ଜଗନ୍ନାଥ । ଅଣସର ଘରେ ଗୁପ୍ତ ସେବା ପରେ ଜ୍ୱରରୁ ଆରୋଗ୍ୟ ଲାଭ କରନ୍ତି ମହାପ୍ରଭୁ । ଶ୍ରୀକ୍ଷେତ୍ରରେ ପ୍ରବଳ ଜନଗହଳି ଦେଖାଯାଇଥିବା ବେଳେ ବଡ଼ଦାଣ୍ଡ ଆଧ୍ୟାତ୍ମିକ ପରିବେଶରେ ଉଛୁଳି ପଡୁଛି । ସ୍ନାନଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ୭୦ ପ୍ଲାଟୁନ ପୁଲିସ ଓ ଗୋଟିଏ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଜାରି କରାଯାଇଥିଲା । କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସପି ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ପୁରୀ ବଡ଼ଦାଣ୍ଡ ଓ ସମ୍ପୂର୍ଣ୍ଣ ସହର ସିସିଟିଭି ନଜରରେ ରଖାଯାଇଥିଲା। ତାତି ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ପାଣି ବ୍ୟବସ୍ଥା କରାଯାଇଥିଲା।

## ରାଜ୍ୟ ସ୍ତରରୁ ରାପିଡ୍ ଆକ୍ସନ୍ ...

ରାଜ୍ୟସ୍ତରୀୟ ଟିମ୍‌ରେ ଡାକ୍ତର, ମାଇକ୍ରୋବାୟୋଲୋଜି ବିଶେଷଜ୍ଞ, ସଂକ୍ରାମକ ରୋଗ ବିଜ୍ଞାନୀ ଆଦିଙ୍କୁ ସାମିଲ କରାଯାଇଛି । ସମନ୍ୱିତ ରୋଗ ନିରୀକ୍ଷଣ ପରିଯୋଜନାର ଯୁଗ୍ମ ନିର୍ଦ୍ଦେଶକ ନିଜ ଟିମ୍ ସହ ମଧ୍ୟ କ୍ଷେତ୍ର ଅନୁଧ୍ୟାନ କରିଛନ୍ତି । ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ଯାଜପୁର ଏବଂ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି। ସଂକ୍ରମିତ ହୋଇଥିବା ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏହି ଚିକିତ୍ସାଳୟମାନଙ୍କୁ ଯଥେଷ୍ଟ ପରିମାଣର ଔଷଧ, ସାଲାଇନ, ଇଞ୍ଜେକସନ ଆଦି ସହ ଅଧିକ ମାନବ ସମ୍ବଳ ଯୋଗାଇ ଦିଆଯାଇଛି । ଗୁରୁତର ରୋଗୀମାନଙ୍କୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା କରାଯାଉଛି। ରେଫର ହୋଇଆସିଥିବା ରୋଗୀମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଏସ୍.ସି.ବିର ଅଧ୍ୟକ୍ଷଙ୍କୁ କୁହାଯାଇଛି । ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଟିମ୍ କ୍ଷେତ୍ରସ୍ତରରେ ସମସ୍ତ ପାନୀୟ ଜଳ ସ୍ରୋତ ଓ ଜଳ ଉତ୍ସକୁ ବିଶୋଧିତ କରୁଛନ୍ତି । ଖାଦ୍ୟ ତନଖି ଟିମ୍ ଏବଂ ରୋଗ ନିରୀକ୍ଷଣ ଟିମ୍ କ୍ଷେତ୍ରସ୍ତରରେ ସେମାନଙ୍କର କାର୍ଯ୍ୟକ୍ରମକୁ ସଘନ କରିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓ.ଆର.ଏସ୍ ପ୍ୟାକେଟ, ଔଷଧ ଓ ସଚେତନତା ବାର୍ତ୍ତା ସମ୍ବଳିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଗଣ ସଚେତନତା, ମାଇକ ମାଧ୍ୟମରେ ସୂଚନା ପ୍ରଚାର ଆଦି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ନେବା, ବାହାରର ଦୂଷିତ ଖାଦ୍ୟ ନ ଖାଇବା, ନିରାପଦ ଜଳ ପିଇବା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଜନିତ ଅଭ୍ୟାସ ଆଦିକୁ ଆପଣେଇବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। କ୍ଷେତ୍ରସ୍ତରୀୟ ବାସ୍ତବ ସ୍ଥିତିକୁ ସକ୍ରିୟ ଭାବେ ଅନୁଧ୍ୟାନ, ନିରୀକ୍ଷଣ ଓ ପରିଚାଳନା କରାଯାଉଛି । ଅନ୍ୟପକ୍ଷରେ ଯାଜପୁର ଜିଲ୍ଲାରେ ବ୍ୟାପିଥିବା ଝାଡ଼ାବାନ୍ତି ଘଟଣାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଖାଦ୍ୟ ବିଷପ୍ରକ୍ରିୟାକରଣ ଯୋଗୁଁ ଝାଡ଼ାବାନ୍ତି ହୋଇଛି । ୨୫୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ୪୦ରୁ ୫୦ ଜଣ ସୁସ୍ଥ ହୋଇ ଫେରିଛନ୍ତି, ୨ ଜଣଙ୍କ ମୃତ୍ୟୁ ହୋଇଛି । ତଦନ୍ତ ପରେ ହିଁ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ୨୦ ଜଣଙ୍କୁ କଟକ ଏସ୍‌ସିବି ମେଡିକାଲ୍ ସ୍ଥାନାନ୍ତର କରାଯାଇଛି।

## ଆଗାମୀ ୭ ଦିନ...

ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶା ଉପର ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ।

## ହଟିଲା ସମସ୍ତ କଟକଣା...

ପରେ ବିକି ପାରିବେ । ଗତ ସରକାରଙ୍କ ସମୟରେ ଦୀର୍ଘ ଦିନ ଧରି ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ ଥିବାରୁ ସରକାର କ୍ଷତି ସହୁଥିଲେ ଏବଂ ଲୋକ କ୍ଷତିରେ ହଇରାଣ ହେଉଥିଲେ । ସମସ୍ତ ଷ୍ଟେକ୍ ହୋଲଡରଙ୍କୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି । କୃଷି ଜମି ଉପରେ ସମସ୍ତ କଟକଣା ହଟିଛି। କେବଳ ଘରବାଡ଼ି ଜମିରେ କଟକଣା ରହିଛି।

## ନକ୍ସଲ ମୁକ୍ତ ହେବ ଭାରତ...

ସେମାନଙ୍କ ଦକ୍ଷ ଅଫିସରମାନେ ଆଗ ଧାଡ଼ିରେ ଅଛନ୍ତି । ଏହାପରେ ଅଛନ୍ତି କେନ୍ଦ୍ରୀୟ ସୁରକ୍ଷା ବଳ ଓ ଏହାର କମାଣ୍ଡୋ ଟିମ୍ । ପରବର୍ତ୍ତୀ ସ୍ତରରେ ଏନ୍‌ଏସ୍‌ଜି କମାଣ୍ଡୋ ରହିବେ । କେବଳ ଆବଶ୍ୟକ ସ୍ଥଳେ ସେମାନେ ଅପରେସନରେ ସକ୍ରିୟ ଅଂଶଗ୍ରହଣ କରିବେ । ଏନ୍‌ଏସ୍‌ଜି କମାଣ୍ଡୋ କ୍ୱଚିତ ଗରିଲା ଯୁଦ୍ଧରେ ସାମିଲ ହୁଅନ୍ତି । କେବଳ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଏନ୍‌ଏସ୍‌ଜି ଅପରେସନ କରିଥାଏ । ଏବେ ଗଡ଼ଚିରୋଲିର ଘଞ୍ଚ ଜଙ୍ଗଲ ଭିତରେ ଚାଲିଥିବା ଏହି ଲମ୍ବା ଅପରେସନରେ ସେମାନଙ୍କୁ ମଧ୍ୟ ଏକ ପ୍ରକାର ପ୍ରଶିକ୍ଷଣ ମିଳିପାରିବ ବୋଲି ସେ କହିଛନ୍ତି । ଅପରପକ୍ଷରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନକ୍ସଲ ନିପାତ ପାଇଁ ୨୦୨୬ ମାର୍ଚ୍ଚ ୩୧ ତାରିଖକୁ ସୀମା ଭାବେ ଧାର୍ଯ୍ୟ କରିଥିବା ବେଳେ ଏହା ନିଶ୍ଚିତ ଭାବେ ସମ୍ଭବ ହେବ ବୋଲି ଜୋର ଦେଇ କହିଛନ୍ତି ବସ୍ତର ଆଇଜି ପି. ସୁନ୍ଦରରାଜନ । ସେ କହିଛନ୍ତି, ସିପିଆଇ-ମାଓବାଦୀର ଆଉ ପ୍ରାୟ ୩୦୦ ସଶସ୍ତ୍ର କ୍ୟାଡର ଅବୁଝମାଡ଼ ଜଙ୍ଗଲରେ ଅଛନ୍ତି । ସେମାନେ ଛୋଟ ଛୋଟ ଗ୍ରୁପରେ ବୁଲୁଥିବାରୁ ଠାବ କରିବା କଷ୍ଟକର ହୋଇଛି । ତଥାପି ଗୁଇନ୍ଦା ସୂଚନା ଭିତ୍ତିରେ ସେମାନଙ୍କୁ ଚିହ୍ନଟ କରିବାକୁ ପୂର୍ବତନ ନକ୍ସଲମାନଙ୍କ ସହାୟତା ନିଆଯାଉଛି। ସିପିଆଇ-ମାଓବାଦୀ ସଙ୍ଗଠନରେ ଏବେ ନେତୃତ୍ୱ ସଙ୍କଟ ଓ କନ୍ଦଳ ସ୍ପଷ୍ଟ ହୋଇଛି । ଏକଦା ୧୦ଟି ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିବା ଏହି ସଙ୍ଗଠନର ପଲିଟବ୍ୟୁରୋ କମିଟିର ମାତ୍ର ୪ ଜଣ ଏବଂ କେନ୍ଦ୍ରୀୟ କମିଟିର ମାତ୍ର ୧୪ ଜଣ ବର୍ତ୍ତିଛନ୍ତି । ୪ଜଣ ପଲିଟବ୍ୟୁରୋ ସଦସ୍ୟ ହେଲେ ମୁପ୍ପାଲା ଲକ୍ଷ୍ମଣ ରାଓ ଓରଫ ଗଣପତି, ମାଲୋଜୁଲ୍ଲା ଭେନୁଗୋପାଳ ଓରଫ ଅଭୟ, ଥିପ୍ପିରି ତିରୁପଥି ଓରଫ ଦେଓଜୀ ଏବଂ ମିସିର ବେସ୍ରା । ୨୦୦୭ରୁ ଏ ପର୍ଯ୍ୟନ୍ତ ୨୬ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ଗିରଫ ହୋଇଛନ୍ତି କିମ୍ବା ନିହତ ହୋଇଛନ୍ତି। ଏମିତି କି ଆତ୍ମସମର୍ପଣ କିମ୍ବା ବୟସାଧିକ୍ୟ ଅସୁସ୍ଥତା ଯୋଗୁ ପ୍ରାଣ ହରାଇଛନ୍ତି । କେନ୍ଦ୍ରୀୟ କମିଟିର ୧୨ରୁ ଅଧିକ ସଦସ୍ୟ ଏବେ ଜେଲରେ ଅଛନ୍ତି । ଏବେ ସକ୍ରିୟ ଥିବା ସମସ୍ତ ସଦସ୍ୟ ଯଦି ଆତ୍ମସମର୍ପଣ ନ କରନ୍ତି ତେବେ ସେମାନଙ୍କୁ ନିଶ୍ଚିତ ଭାବେ ନିପାତ କରାଯିବ ବୋଲି ସୁନ୍ଦରରାଜନ ଚେତାବନୀ ଦେଇଛନ୍ତି ।

## ଆଧାର କାର୍ଡ ନଥିଲେ ବି ସ୍କୁଲରେ...

କାର୍ଡ ନାହିଁ ତାଙ୍କର କେମିତି ଆଧାର କାର୍ଡ ହୋଇପାରିବ ସେଥିପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ କହିଛନ୍ତି । ସେପଟେ ସ୍କୁଲ ଡ୍ରପ୍ ଆଉଟ୍ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କରାଯାଇଛି । ଚାଇଲ୍ଡ ଟ୍ରାକିଂ ସର୍ଭେ ବିଭାଗ ତରଫରୁ କରାଯାଇଛି । ପିଲା କେଉଁ କାରଣରୁ ଡ୍ରପ୍ ଆଉଟ୍ ହେଉଛନ୍ତି ଏବଂ ସ୍କୁଲକୁ ଯାଉନାହାନ୍ତି, ଏ ନେଇ ୧୮ ବର୍ଷ ବୟସର ପିଲା ମାନଙ୍କର ସର୍ଭେ କରାଯାଇଛି । ଡୋର ଟୁ ଡୋର୍ ଯାଇ ଶିକ୍ଷକ ମାନେ ସର୍ଭେ କରିଛନ୍ତି । ସେହି ସର୍ଭେ ରିପୋର୍ଟ ଆସିଲା ପରେ ପଦକ୍ଷେପ ନେବେ ସରକାର । ସରକାର ରିପୋର୍ଟକୁ ଅଧ୍ୟୟନ କରି କ'ଣ କରାଗଲେ ଡ୍ରପ୍ ଆଉଟ୍ କମିବ, ସେହି ଅନୁସାରେ ପଦକ୍ଷେପ ନେବେ । ଏହାସହ ସରକାରଙ୍କ ପକ୍ଷରୁ ଏସ୍‌ସି ଏସ୍‌ଟି ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ କମାଇବା ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କରାଯାଇଛି । ତେଣୁ ସରକାରଙ୍କ ପଦକ୍ଷେପ ଯୋଗୁଁ ଚଳିତ ଥର ପ୍ରାଥମିକ ସ୍ତରରେ ଅଧିକ ପିଲା ଆଡ଼ମିଶନ କରିଛନ୍ତି ।

## କୋଭିଡ୍ ଆକ୍ରାନ୍ତଙ୍କ...

ହୋଇଛି । ସେପଟେ କରୋନା ସଂକ୍ରମଣ ବଢୁଥିବାରୁ ବଡ ନିଷ୍ପତ୍ତି ନିଆଯାଇଛି । ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି । ଗତ ୧୦ ଦିନ ଭିତରେ କରୋନା କାରଣରୁ ୪୦ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ପ୍ରତିଦିନ ପ୍ରାୟ ୩୫୦ରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେବେ ଓଡ଼ିଶାରେ ସ୍ଥିତି ଚିନ୍ତାଜନକ ନାହିଁ । ବର୍ତ୍ତମାନ ରାଜ୍ୟରେ ୪୧ ଜଣ ସକ୍ରିୟ କୋଭିଡ୍ ଆକ୍ରାନ୍ତ ଅଛନ୍ତି। ମୋଟ ୬୪ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ ଜଣ ସୁସ୍ଥ ହୋଇସାରିଲେଣି। ସଂକ୍ରମଣ ବୃଦ୍ଧି ପଛରେ ଓମିକ୍ରାନର ସବ ଭାରିଏଣ୍ଟ ରହିଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି ।

# ଆଇପିଏସ୍ ପ୍ରୋକ୍ଟୋଲୋଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ଏକ ଟ୍ରେନିଂ ପ୍ରୋଗ୍ରାମ୍ ସମ୍ବଲପୁରରେ, ଅଇଁଠାପାଲି, ସ୍ୱାଗତ କନ୍‌ଭେନ୍‌ସେନ୍ ହଲ୍‌ରେ ଅନୁଷ୍ଠିତ ୮ ଓ ୯ ତାରିଖରେ ହୋଇଯାଇଛି। ସେଠାକୁ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ ଟ୍ରେନିଂରେ ଏମବିବିଏସ, ବିଏଏମଏସ, ବିଏଚଏମଏସ ପ୍ରାକ୍ଟିସନ୍‌ର ସ୍ୱେଚ୍ଛାରେ, ଯେଉଁମାନେ ପ୍ରୋକ୍ଟୋଲୋଜି (ମଳାଶୟ ରୋଗ ଚିକିତ୍ସା ବିଜ୍ଞାନ) ଆଗ୍ରହୀ ୧୬ ଜଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ବେହେରା, ବଦାନ୍ୟ ବ୍ୟକ୍ତି ଓ ଗଙ୍ଗାଧର ମହାନନ୍ଦ ଅବସରପ୍ରାପ୍ତ ଶାସନ ଅଧିକାରୀ ଏବଂ ପ୍ରଫେସର ଏମିରେଟସ୍ ଡା. ଯେ କି, ଡାଇରେକ୍ଟର ପ୍ରୋକ୍ଟୋଲୋଜି ଏଡୁକେସନ୍ ଏବଂ ଟ୍ରେନିଂ ଅଛନ୍ତି, ଯୋଗ ଦେଇଥିଲେ। ଜାତୀୟ ସ୍ତର ସିନିୟର ମୋଷ୍ଟ ପ୍ରୋକ୍ଟୋଲୋଜିଷ୍ଟ ପ୍ରଫେସର ଭୂୟାଁ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ସମାରୋହରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସକାଳ ୯ଟାରୁ ଦିନ ୬ଟା ପର୍ଯ୍ୟନ୍ତ ବିସ୍ତୃତ ଭାବେ ପ୍ରୋକ୍ଟୋଲୋଜି, ଗ୍ୟାଷ୍ଟ୍ରୋ ଏଣ୍ଟରଲୋଜିର ସୁପର ସ୍ପେସିଆଲିଷ୍ଟ ବିଭାଗର ରୂପ ନେଇ ବର୍ତ୍ତମାନ ମଳାଶୟର ହେଉଥିବା ରୋଗ



ପାଇଲିସ୍, ଫିସ୍ଟୁଲା, ଫିସର, ଷ୍ଟ୍ରିକ୍ଚର, ପ୍ରୋଲାପସ୍, ସାଇନ୍ସ, ପ୍ରୋଷ୍ଟାଇଟିସ୍ ପ୍ରାୟତଃ ୪୦ ପ୍ରକାର ରୋଗର ସମନ୍ୱିତ (ଇଣ୍ଟିଗ୍ରେଟେଡ୍) ଚିକିତ୍ସା ବିଧିରେ ସଫଳ ଚିକିତ୍ସା କରାଯିବା ବିଷୟରେ ଅତ୍ୟାଧୁନିକ ପଦ୍ଧତିମାନ ତଥା ଏହାର ସମୟ, ବିଧି, ବିଧାନ, ରୋଗ ନିଦାନ, ନିରୂପଣ ଓ ପୂର୍ଣ୍ଣ, ଭେଷଜ, ସର୍ଜରୀ, ପାରାସର୍ଜରୀ ଚିକିତ୍ସା ଇତ୍ୟାଦି ଯଥାସମ୍ଭବ ସମସ୍ତଙ୍କୁ ଅବଗତ ପରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନ, ଶିକ୍ଷା ପ୍ରଦାନ କରିଥିଲେ। ପ୍ରାକ୍ଟିସନରମାନଙ୍କୁ ଶିକ୍ଷତା କରିବା ପାଇଁ ପ୍ରଫେସର ଭୂୟାଁଙ୍କ ପ୍ରୋକ୍ଟୋଲୋଜି ମଳାଶୟ ରୋଗ ସମ୍ପର୍କିତ ୮ ଖଣ୍ଡ ଆଇଏସ୍‌ବିନ୍ ପଞ୍ଜୀକୃତ ମଧ୍ୟରୁ ପାର୍କ ପ୍ରାକ୍ଟିସ୍ ଅଫ୍ ଆନୋରେକ୍ଟମ କେୟାର ଏବଂ ହେଲ୍‌ଥ ବଣ୍ଟା ଯାଇଥିଲା। ତା'ପରଦିନ ଦିବ୍ୟକୃପା ମଲ୍ଟି ସ୍ପେସିଆଲିଷ୍ଟ କ୍ଲିନିକରେ ପ୍ରଫେସର ଭୂୟାଁ ପ୍ରାକ୍ଟିକାଲ୍ ଟ୍ରେନିଂ ଦେଇଥିଲେ। ପ୍ରାକ୍ଟିସନରମାନଙ୍କ ଆଗ୍ରହ ଦେଖି ସମ୍ବଲପୁରରେ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି ପକ୍ଷରୁ ଏକ ଆନ୍ତର୍ଜାତୀୟ କନ୍‌ଫରେନ୍ସ କରିବା ପାଇଁ ସଂଗଠକମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଫଳତା ଏବଂ ସହଯୋଗ ପାଇଁ ଡା. ନିତ୍ୟାନନ୍ଦ ସାହୁ, ଧନ୍ୟବାଦ ପର୍ବରେ ସଂଗଠକମାନେ ଡା. ନୀଳାଦ୍ରି ବେହେରା, ଡା. ଦେବଦତ୍ତ ପରିଡ଼ା, ଡା. ରାମ ପଟେଲ, ଡା. ବିରେନ୍ଦ୍ର ବଡ଼ାଇ ତଥା ବିଶ୍ୱଜିତ୍ ସାହୁ ପ୍ରଭୃତି ଏବଂ ହଲ୍‌ର ସହଯୋଗୀ ବନ୍ଧୁମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

# ମିଲେଟ୍ ଚାଷର ପ୍ରୋତ୍ସାହନ ପାଇଁ 'ଜିନ୍ଦଲ କୃଷି ସେବା' ଆରମ୍ଭ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

କୁରୁକ୍ଷେତ୍ରର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରୁ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ଜିନ୍ଦଲ କୃଷି ସେବା' ଆରମ୍ଭ କରାଯାଇଛି। ଅନୁଗୁଳ ଜିଲ୍ଲାରେ ପ୍ରାକୃତିକ କୃଷି ଏବଂ ରାସାୟନିକ ସାର ଓ କୀଟନାଶକ ମୁକ୍ତ କୃଷି ଉତ୍ପାଦନକୁ ପ୍ରୋତ୍ସାହନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।

ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ସବୁଜ ପତାକା ଦେଖାଇ ଏକ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଭ୍ୟାନର ଶୁଭାରମ୍ଭ କରିବା ସହିତ ଏହି ପ୍ରକଳ୍ପର ଉଦ୍ଘାଟନ କରିଥିଲେ। ଅନୁଗୁଳ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ଅମ୍ବର ଲୁବୁନ୍, ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଆଶୁତୋଷ ରାୟ, ପ୍ରମୁଖ ବୈଜ୍ଞାନିକ ଏବଂ କେଭିକେ ଅନୁଗୁଳର ମୁଖ୍ୟ



ଦେବାଶିଷ ମିଶ୍ର, ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, ସିଏସ୍ଆର ଏବଂ ଶିକ୍ଷାର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ ପ୍ରଶାନ୍ତ କୁମାର ହୋତାଙ୍କ ସହ ୩ ଶହରୁ ଅଧିକ ଚାଷୀ, ସରକାରୀ ଅଧିକାରୀ ଏବଂ କୃଷି ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଏହି ଅବସରରେ ଶାଲୁ ଜିନ୍ଦଲ କହିଥିଲେ, "ଜିନ୍ଦଲ କୃଷି ସେବା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାକୃତିକ କୃଷି ପଦ୍ଧତିକୁ ଆପଣାଇବା ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତା ବିକାଶ, ପ୍ରାକୃତିକ ବିହନ ଉପଚାର, ପ୍ରାକୃତିକ କୃଷି ସାମଗ୍ରୀ ଯେମିତିକି ଜିଆ ଖତ, ଗାଇ ଗୋବର ଏବଂ ଗୋ-ମୂତ୍ରର ବ୍ୟବହାର, ଫସଲ ବିବିଧତା, ଆଧୁନିକ କୃଷି ଉପକରଣର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ପରିବେଶ ସନ୍ତୁଳନ, ଖାଦ୍ୟ ସୁରକ୍ଷା ଏବଂ କୃଷକ ଓ କୃଷି ପରିବାରର ଉନ୍ନତି ସହିତ ଗାଁ ଆର୍ଥିକ ଉନ୍ନତି ପାଇଁ ଜିନ୍ଦଲ ଫାଉଣ୍ଡେସନ୍ ସର୍ବଦା ପ୍ରୟାସରତ"।

# ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ମୃତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଦଗଡ଼ ରେଳ ଫାଟକ ଠାରୁ ୮ମିଟର ଦୂରତା ରେଳ ଧାରଣା ନିକଟରେ ମାଲ ବାହୀ ଟ୍ରେନ ଧକ୍କାରେ ଜଣେ ଗାଡ଼ି ମାଲିକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଗୋବର୍ଦ୍ଧନ ପଞ୍ଚାୟତର ରବିନାରାୟଣ ଦେଓଙ୍କ ପୁଅ ଲୋକନାଥ (୩୫)। ସୂଚନାନୁସାରେ,ଲୋକନାଥ ଜଣେ ଗାଡ଼ି ମାଲିକ। ତାଙ୍କର ଦୁଇଟି ୧୪ ଚକିଆ ହାଇୱା ଟ୍ରକ୍ ଅଛି। ପ୍ରକୃତ ଘଟଣା ଦୁର୍ଘଟଣା ନା ଆତ୍ମହତ୍ୟା ସଠିକ ଜଣା ପଡ଼ିନାହିଁ। ଗତକାଲି ସେ କାଦଗଡ଼ ଗ୍ରାମର ଚାଷ ଜମି ଦେଖିବାକୁ ବାଇକ୍‌ରେ ସେଠାକୁ ଆସିଥିଲେ। ରେଳ ଧାରଣା ବାମ ପାର୍ଶ୍ୱରେ ବାଇକ୍ ରଖି ଯାଉଥିବା ବେଳେ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିବା ଜଣାପଡ଼ିଛି। ଫଳରେ ତାଙ୍କର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିବା ବେଳେ ଘଟଣା ସ୍ଥଳରେ ଲୋକନାଥଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଟ୍ରକ୍ ଋଣ ଗ୍ରସ୍ତ ହୋଇ ସେ ବିଷାଦରେ ଥିଲେ ବୋଲି ଆଲୋଚନା ହେଉଛି। ସକାଳେ ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖିବା ପରେ ଖବର ପାଇ ରେଳବାଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଜୁନ୍ ୧୭ରେ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ : ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ ଓ ମନ୍ତ୍ରୀ

**ବଲାଙ୍ଗୀର,ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତକୁ ନଜରରେ ରଖି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ୧୭ ତାରିଖରେ ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ହେବ । ସେଥିପାଇଁ ବୁଧବାର ସକାଳୁ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ନେତୃତ୍ୱରେ ପ୍ରଶାସନିକ ଓ ପୁଲିସ ଟିମ୍ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି । ଚାଷୀ କିଭଳି ସୁବିଧାରେ ଆସି କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ଫେରିବେ, ସେ ସବୁ ବିଷୟରେ ଆଲୋଚନା କରାଯାଇଥିଲା। ପରେ ମନ୍ତ୍ରୀ ରବି ନାରାୟଣ ନାଏକ ବଲାଙ୍ଗୀର ଆସି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ପ୍ରସ୍ତୁତି ବୈଠକ କରିଥିଲେ । ଏହି ସମାବେଶରେ ରାଜ୍ୟର କୃଷକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ପଦକ୍ଷେପ ନେବେ । କୃଷକଙ୍କୁ ସଚେତନ କରାଯିବ। ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଜନପ୍ରତିନିଧି ଉପସ୍ଥିତ ରହିବେ । ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି ।



**GOVERNMENT OF ODISHA, DEPARTMENTOF WATER RESOURCES** A-278

**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDL-17/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-17/2025-26 |
| 5. | Estimated Cost | : Rs. 17,38,704/- |
| 6. | Period of Completion | : 01 (One) calendar months. |
| 7. | Date & time of availability of bid documents in the Portal | : From dt.12.06.2025(10.00 AM) to dt.20.06.2025(5.30 PM) |
| 8. | Last date/ time for receipt of bid In the Portal | : dt.20.06.2025 (up to 5.30 PM) |
| 9. | Date and Place of opening of Bid | : dt.21.06.2025(12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
OIPR-32405/11/0070/2526 Mechanical Circle Bhubaneswar

ଭୁବନେଶ୍ୱର
୧୨ ଜୁନ୍,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ପୁରୀ : ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସେବାୟତମାନେ ଶ୍ରୀଜୀଉଙ୍କୁ ପବିତ୍ର ସୁବାସିତ ଜଳରେ ସ୍ନାନ କରାଉଛନ୍ତି ।



ଶ୍ରୀଜୀଉଙ୍କ ସ୍ନାନବେଦୀରେ ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରୁଛନ୍ତି ।



ରଥଖଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ଜୁନ୍ ୧୨ ବଦଳରେ ୨୦ରେ ହେବ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ

**ଭୁବନେଶ୍ୱର, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ଜୁନ୍ ୧୨ ତାରିଖ ବଦଳରେ ଜୁନ୍ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବ । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଭୁବନେଶ୍ୱର ଜନତା ମୈଦାନରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ପାଇଁ ୬୦ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟସ୍ତରୀୟ ଏହି ଉତ୍ସବ ପାଳନ ପାଇଁ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ଏହି ଉତ୍ସବ ପାଳନ ନିମନ୍ତେ ସରକାରଙ୍କ ପକ୍ଷରୁ ଜନତା ମୈଦାନକୁ ପ୍ରସ୍ତୁତ କରି ରଖିବା ନିମନ୍ତେ ଏବେଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

### ନାଲ୍‌କୋର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ

## ଅଭୟ କୁମାର ବେହୁରିଆଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର, ୧୧/୦୬ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ଅର୍ଥ) ଭାବେ ବୁଧବାର ଅଭୟ କୁମାର ବେହୁରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ନାଲ୍‌କୋରେ ଯୋଗଦେବା ପୂର୍ବରୁ ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବରେ କାର୍ଯ୍ୟରତ ଥିଲେ । ତାଙ୍କ ଦକ୍ଷତା ଏବଂ ନେତୃତ୍ୱ ବଳରେ କମ୍ପାନୀ ଏକ ଚ୍ୟାଲେଞ୍ଜିଙ୍ଗ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳାଫଳ ହାସଲ କରିଥିଲା । ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଶ୍ରୀ ବେହୁରିଆଙ୍କର ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ (ଆଇ.ସି.ଏ.ଆଇ)ର ଜଣେ ଫେଲୋ ସଦସ୍ୟ ସହ ସଂସ୍ଥାର ଆଡଭାନ୍ସଡ୍ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟ ମୂଲ୍ୟାଙ୍କନରେ ମଧ୍ୟ ଏକଜିକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଅନେକ ଡିଜିଟାଲ୍ ପରିବର୍ତ୍ତନ ପଦକ୍ଷେପର ନେତୃତ୍ୱ ନେଇଥିଲେ, ଯେପରିକି ଖଣିରେ ଏସ.ଏ.ପି କାର୍ଯ୍ୟକାରୀ କରିବା, ସ୍ୱୟଂଚାଳିତ ଇନଭଏସ୍ ସିଷ୍ଟମ୍ ଏବଂ ବିକ୍ରେତା ସୂଚନା ପରିଚାଳନା ଇତ୍ୟାଦି । କାର୍ଯ୍ୟବ୍ୟବସ୍ଥାକୁ ଉନ୍ନତ ଓ ସୁବ୍ୟବସ୍ଥିତ କରିବା ପାଇଁ ଦୁଇଟି ପ୍ରୋଭିଡେଣ୍ଟ ଫଣ୍ଡ ଟ୍ରଷ୍ଟକୁ ମିଶ୍ରଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସକ୍ରିୟ ଆଭିମୁଖ୍ୟ କମ୍ପାନୀର ଦୀର୍ଘକାଳୀନ ଆଇନଗତ ଏବଂ ଆର୍ଥିକ ସମସ୍ୟାର ସମାଧାନ କରିବାରେ ମଧ୍ୟ ସାହାଯ୍ୟ କରିଥିଲା । ନିର୍ଦ୍ଦେଶକ (ଅର୍ଥ) ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ ଯେ, 'ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ଶ୍ରୀ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲ୍‌କୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପ ଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନ ଆଣିବ । ନିର୍ଦ୍ଦେଶକ (ଅର୍ଥ) ଭାବରେ ତାଙ୍କର ଯୋଗଦାନ ନାଲ୍‌କୋ ବୋର୍ଡ଼କୁ ଆହୁରି ଦୃଢୀଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।



କଟକ ଜିଲ୍ଲାର ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା । (ଫଟୋ : ସମ୍ବାଦ କଳିକା)

## ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ଥିଲା ପ୍ରତିଶ୍ରୁତି ପାଳନର ବର୍ଷ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୧/୦୬**
**ନ୍ୟୁଜ ବ୍ୟୁରୋ**

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁଠାରୁ ମହତ୍ୱପୂର୍ଣ୍ଣ ହେଲେ ସାଧାରଣ ଜନତା । ଜନତାର ପ୍ରତ୍ୟେକ ବର୍ଗର ଲୋକେ ହେଉଛନ୍ତି ଗଣତାନ୍ତ୍ରିକ ପଦ୍ଧତିର ଅଂଶ ବିଶେଷ । ଏହି ଏକ ବର୍ଷ ଥିଲା ଲୋକଙ୍କ ଆଶା-ଆକାଂକ୍ଷା ପୂରଣ କରିବାର ବର୍ଷ ଏବଂ ଏହି ବର୍ଷ ଥିଲା ସରକାର-ଜନ ସାଧାରଣଙ୍କ ମଧ୍ୟରେ ଥିବା ଖାଇକୁ ଦୂର କରି ସେତୁ ବାନ୍ଧିବାର ବର୍ଷ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟର ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନଙ୍କ ସହିତ ଭାବ ବିନିମୟ ଅବସରରେ କହିଛନ୍ତି ।

ବୈଠକକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଏକ ବର୍ଷ ମଧ୍ୟରେ ଆମ ସରକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଆମେ ଲୋକଙ୍କ ପାଖରେ କିଭଳି ପହଞ୍ଚିବୁ ଏବଂ ଏହାକୁ ଆମେ ସଫଳ କରି ଦେଖାଇଛୁ । ବଜେଟ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଏ ସମସ୍ତ କାର୍ଯ୍ୟର ମୂଲ୍ୟାଙ୍କନ ଆଜି ଜନସାଧାରଣ କରୁଛନ୍ତି । ପ୍ରତ୍ୟେକ କାର୍ଯ୍ୟ ହାତକୁ ନେବା ପୂର୍ବରୁ ଆଜି ସରକାର ଲୋକମାନଙ୍କ ମତ ନେଉଛନ୍ତି ଏବଂ ତାଙ୍କ ଫିଡ୍‌ବ୍ୟାକ୍ ଆଧାରରେ ହିଁ ସରକାର ସମସ୍ତ ନୀତି ପ୍ରଣୟନ କରୁଛନ୍ତି ।

ନିର୍ବାଚନ ଇସ୍ତାହାରରେ ପ୍ରତିଶୃତି ଦେଇଥିବା କାର୍ଯ୍ୟ ସହିତ ଅନେକ ଅଭିନବ ପରିକଳ୍ପନାକୁ ରୂପାୟିତ କରାଯାଇଛି । ଓଡ଼ିଶାର ବରପୁତ୍ର ମାନଙ୍କୁ ସମ୍ମାନ ପ୍ରଦର୍ଶନ ହେଉ ଅବା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ସଂସ୍କୃତିକୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ପ୍ରତିପାଦିତ କରିବା ହେଉ, ସବୁଥିରେ ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ବର୍ଷକ ସମୟ, ଗୋଟିଏ ସରକାର ପାଇଁ କେବଳ ଆରମ୍ଭ ମାତ୍ର । ଓଡ଼ିଶାର ସାଂସ୍କୃତିକ ବିଭବକୁ ବିଶ୍ୱସ୍ତରରେ ପ୍ରତିପାଦିତ କରିବା ପାଇଁ ଆମ ସରକାର ଆଗାମୀ ଦିନରେ ମଧ୍ୟ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ଦୃଢ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶା ନିଜ ଅସ୍ମିତା ପାଇଁ ଅନେକ ପଦକ୍ଷେପ ନେଇଛି । ଆଜି ପ୍ରତ୍ୟେକ ସୃଜନଶୀଳତାକୁ ମିଳୁଛି ପରିଚୟ । କଳା ସଂସ୍କୃତିର ବିକାଶ ହୋଇ ଏହା ଜନାଦୃତ ହୋଇ ପାରୁଛି କେବଳ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ।

## ସଂସଦୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଭେଟିଲେ ମୋଦି : ସମସ୍ତଙ୍କ ସହ କଲେ ଡିନର

**ନୂଆଦିଲ୍ଲୀ,୧୧/୦୬**

'ଅପରେସନ ସିନ୍ଦୂର' ଏବଂ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ନେଇ ବିଦେଶକୁ ଜଣାଇ ଫେରି ଆସିଥିବା ସର୍ବଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବାସଭବନରେ ସାକ୍ଷାତ କରିଛନ୍ତି । ସେମାନଙ୍କ ସହ ଡିନର ବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ନିଜ ବିଦେଶ ଯାତ୍ରାର ଅନୁଭବ ସେୟାର କରିଛନ୍ତି । ୭ଟି ପ୍ରତିନିଧି ମଣ୍ଡଳୀର ମୋଟ ୫୯ ସଦସ୍ୟ ୩୩ ଦେଶ ଯାତ୍ରା କରିଥିଲେ । ଏମାନଙ୍କ ମଧ୍ୟରେ ୫୧ ନେତା ଓ ୮ ଜଣ ରାଷ୍ଟ୍ରଦୂତ ସାମିଲ ଥିଲେ । ପ୍ରତିନିଧିମାନେ ବୁଧବାର ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସ ଭବନରେ ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ୭ ଜଣ ସାଂସଦ ଏହି ପ୍ରତିନିଧି ମଣ୍ଡଳୀଗୁଡ଼ିକର ନେତୃତ୍ୱ ନେଇଥିଲେ । ଏମାନଙ୍କ ମଧ୍ୟରେ ବିଜେପିର ରବିଶଙ୍କର ପ୍ରସାଦ ଓ ବୈଜୟନ୍ତ ପଣ୍ଡା, କଂଗ୍ରେସର ଶଶି ଥରୁର, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମ୍‌କେର କାନିମୋଝି କରୁଣାନିଧି, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୁଲେ ଏବଂ ଶିବସେନା (ସିନ୍ଦେ ଗୋଷ୍ଠୀ)ର ଶ୍ରୀକାନ୍ତ ସିନ୍ଦେ ଅନ୍ତର୍ଭୁକ୍ତ । ଏହି ପ୍ରତିନିଧି ମଣ୍ଡଳୀଗୁଡ଼ିକ ଦୁନିଆକୁ ୫ଟି ପ୍ରମୁଖ ସନ୍ଦେଶ ଦେଇଛନ୍ତି । ଆତଙ୍କବାଦ ବିରୋଧରେ ଭାରତର ଶୂନ ସହନଶୀଳତା ନେଇ ସେମାନେ ବିଭିନ୍ନ ରାଷ୍ଟ୍ରଙ୍କୁ ଜଣାଇଛନ୍ତି । ସେ କହିଛନ୍ତି, ଭାରତର ଅପରେସନ ସିନ୍ଦୂରରେ ଆତଙ୍କୀ ସଙ୍ଗଠନ ଓ ସେମାନଙ୍କ ଶିବିରକୁ ହିଁ ଟାର୍ଗେଟ୍ କରାଯାଇଥିଲା । କିନ୍ତୁ ପାକିସ୍ତାନୀ ସେନା ଏହାକୁ ନିଜ ଉପରେ ଆକ୍ରମଣ ଭାବି ଭାରତ ଉପରେ ପାଲଟା ଆକ୍ରମଣ କରିଥିଲା । ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବାରୁ ପାକିସ୍ତାନ ଏଭଳି ପଦକ୍ଷେପ ନେଇଥିଲା । ଏହି ପରିପ୍ରେକ୍ଷୀରେ ଭାରତୀୟ ସାଂସଦମାନେ କିଛି ପ୍ରମାଣ ବି ଉପସ୍ଥାପନ କରିଥିଲେ । ସାଂସଦମାନେ ଜଣାଇଥିଲେ ଯେ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ ପାକିସ୍ତାନୀ ଆତଙ୍କୀଙ୍କ ସମ୍ପୃକ୍ତି ଥିଲା । ପାକ୍ ସମର୍ଥିତ ଆତଙ୍କୀ ସଙ୍ଗଠନ ଦ ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍) ହିଁ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା । ଜବାବ ସ୍ୱରୂପ ଭାରତ ଅପରେସନ ସିନ୍ଦୂର ଚଳାଇଥିଲା । ପାକିସ୍ତାନର ପାଲଟା ଆକ୍ରମଣ ପରେ ବି ଭାରତୀୟ ସେନା ଦାୟିତ୍ୱପୂର୍ଣ୍ଣ ଏବଂ ସଂଯମତା ରକ୍ଷା କରି ହମଲା କରିଥିଲେ । ପାକିସ୍ତାନର କୌଣସି ନିର୍ଦ୍ଦୋଷ ନାଗରିକଙ୍କ ଜୀବନ ଯେମିତି ନ ଯାଏ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପାକିସ୍ତାନ ଯେତେବେଳେ ଏହାକୁ ରୋକିବା ପାଇଁ ଯୁଦ୍ଧବିରତି ଅନୁରୋଧ କଲା, ଭାରତ ତାହାକୁ ସ୍ୱୀକାର କରିଥିଲା । ସଂସଦୀୟ ପ୍ରତିନିଧି ଟିମ୍‌ଗୁଡ଼ିକ ଆହୁରି ଜଣାଇଥିଲେ ଯେ ଆତଙ୍କବାଦ ବିରୋଧରେ ଦେଶଗୁଡ଼ିକ ଏକାଠି ହେବା ଆବଶ୍ୟକ । ଭାରତ ଏ ନେଇ ଗ୍ରହଣ କରୁଥିବା କାର୍ଯ୍ୟାନୁଷ୍ଠାନରେ ସହଯୋଗ କରିବା ଜରୁରୀ । ଭାରତ ଓ ପାକିସ୍ତାନ ମଧ୍ୟରେ ହେଉଥିବା ବିବାଦକୁ ଆତଙ୍କବାଦ ବିରୋଧୀ ଯୁଦ୍ଧ ଭାବେ ଦେଖିବାକୁ ଅପିଲ୍ କରା ଯାଇଥିଲା । ଆହୁରି କୁହାଯାଇଥିଲା ଯେ ପାକିସ୍ତାନ ବିରୋଧରେ ଭାରତ ନିଜର ପରିବର୍ତ୍ତିତ ଦୃଷ୍ଟିକୋଣକୁ ଉଜାଗର କରିଦେଇଛି । ସୀମାରେ ଘଟୁଥିବା ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ଉଦାସୀନ ନ ହୋଇ ଏଣିକି ସକ୍ରିୟ ଆଭିମୁଖ୍ୟ ଆପଣାଇବା ଏବଂ ଆତଙ୍କୀଙ୍କୁ ଆଗୁଆ ନିଷ୍କ୍ରିୟ କରିଦେବା ପାଇଁ ଭାରତ ଦୃଢ଼ ନିଷ୍ପତ୍ତି କରିଥିବା ସେମାନେ ଦର୍ଶାଇଥିଲେ ।



କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱାଧୀନ ଟିମ୍ ମଙ୍ଗଳବାର ଭାରତ ଫେରିଆସିଛି । ତାଙ୍କ ଟିମ୍ ଆମେରିକା, ପାନାମା, ଗୁୟାନା, ବ୍ରାଜିଲ ଓ କଲମ୍ବିଆ ଯାତ୍ରା କରିଥିଲା । ଶଶି ଥରୁର ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମ ସହ କଥା ହୋଇ କହିଥିଲେ, ଯେଉଁ ୫ଟି ଦେଶକୁ ଆମେ ଯାଇଥିଲୁ, ସେଠାରେ ଆମକୁ ଭଲ ଭାବେ ସ୍ୱାଗତ କରା ଯାଇଥିଲା । ଏହି ଦେଶଗୁଡ଼ିକର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି ଏବଂ ଅନ୍ୟ ବରିଷ୍ଠ ନେତାମାନେ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ପହଲଗାମ୍ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର କାହିଁକ ଚଳାଇଲା, ତାହା ନେଇ ସେମାନଙ୍କୁ ଅବଗତ କରାଯାଇଥିଲା । ପାକିସ୍ତାନର ଅସଲ ମୁଖା ଖୋଲାଯାଇଥିଲା । ଥରୁର କହିଥିଲେ, କେନ୍ଦ୍ର ସରକାର ରାଜନୈତିକ ସୀମାଠାରୁ ଊର୍ଦ୍ଧ୍ୱରେ ରହି ଏକତାର ସନ୍ଦେଶ ଦେବା ପାଇଁ ସମସ୍ତ ଦଳର ସାଂସଦଙ୍କୁ ବିଦେଶ ପଠାଇ ଥିଲେ । ଆମକୁ ଯାହା କରିବାକୁ କୁହାଯାଇଥିଲା, ଆମେ ତାହା ହିଁ କରିଥିଲୁ । ଆମେ ବେଶ୍ ଖୁସି ମନରେ ସ୍ୱଦେଶ ଫେରିଆସିଛୁ । ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ନେଇ ସେ କହିଥିଲେ, ପ୍ରଧାନମନ୍ତ୍ରୀ ଆମକୁ ସାକ୍ଷାତ କରିବାକୁ ଚାହୁଁଥିବା ନେଇ ଆମେ ବେଶ୍ ଖୁସି । ତେବେ ଏହା କୌଣସି ଔପଚାରିକ ବୈଠକ ହେବନାହିଁ ।

## ରାସ୍ତାରେ ଅଳିଆ ଫିଙ୍ଗିଲେ ଅମାନିଆଙ୍କୁ ଦେବାକୁ ପଡ଼ିବ ଜରିମାନା

**କଟକ, ୧୧/୦୬**
**ନ୍ୟୁଜ ବ୍ୟୁରୋ**

ଏଣିକି ରାସ୍ତାରେ ଅଳିଆ ଫିଙ୍ଗିଲେ ଅମାନିଆଙ୍କୁ ଜରିମାନା ଦେବାକୁ ପଡ଼ିବ । କଟକ ମହାନଗର ନିଗମ (ସିଏମସି) ଆବର୍ଜନା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏଭଳି କଠୋର ବ୍ୟବସ୍ଥା ଆପଣାଇବାକୁ ଯାଉଛି । ଘରୋଇ ଲୋକେ ରାସ୍ତାରେ ଅଳିଆ ଫିଙ୍ଗିଲେ ୧୦୦ ଟଙ୍କା ଓ ବ୍ୟବସାୟୀମାନେ ରାସ୍ତାରେ ଫିଙ୍ଗିଲେ ୨୦୦ ଟଙ୍କା ଜରିମାନା ଭରଣା କରିବାକୁ ପଡ଼ିବ । ସେହିଭଳି ପ୍ଲାଷ୍ଟିକ ଓ ପେପର କପ୍ ଉପରେ କଟକଣା ଜାରି କରାଯାଇଛି । ଏହାକୁ ନଗର ନିଗମ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛି । ଏ ସଂକ୍ରାନ୍ତରେ କାଉନସିଲରେ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି । ଖୁବ୍‌ଶୀଘ୍ର ନଗର ନିଗମ ଜରିମାନା ବ୍ୟବସ୍ଥାକୁ କଡ଼ାକଡ଼ି କରିବ ବୋଲି ଜଣାପଡ଼ିଛି । ଏଥିପାଇଁ ନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି । ଯେଉଁ ବ୍ୟକ୍ତି ବା ବ୍ୟବସାୟୀ ରାସ୍ତାକଡ଼ରେ ଆବର୍ଜନା ପକାଇବେ ସେମାନଙ୍କଠାରୁ ଏହି ଜରିମାନା ଆଦାୟ ହେବ । ପ୍ରଥମେ ନିୟମ ଉଲ୍ଲଘଂନକାରୀଙ୍କ ଉପରେ ସର୍ବନିମ୍ନ ଜରିମାନା ଆଦାୟ କରାଯିବ; ମାତ୍ର ପୁନର୍ବାର ଖିଲାପ କଲେ ଜରିମାନା ଦୁଇଗୁଣ ଆଦାୟ କରାଯିବ । ନିଗମ ଦ୍ୱାରା ଘରକୁ ଘର ଅଳିଆ ସଂଗ୍ରହ ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ଲୋକମାନେ ସଚେତନତା ଅଭାବରୁ ରାସ୍ତାଘାଟ ସଫେଇ ହେବା ପରେ ରାସ୍ତାରେ ଅଳିଆ ପକାଉଛନ୍ତି । ଘର ଦ୍ୱାରମୁହଁକୁ ଗାଡ଼ି ଯାଉଥିଲେ ସୁଦ୍ଧା ଆବର୍ଜନା ଅଧିକାଂଶ ନ ଦେଇ ଘର ସମ୍ମୁଖ ରାସ୍ତାକଡ଼ରେ ଗଦା କରୁଛନ୍ତି ।



ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ସଫେଇ କର୍ମଚାରୀ ପଳାଉଥିବାରୁ ସଫେଇ ଠିକ ଭାବେ ହୋଇପାରୁ ନାହିଁ । ତେଣୁ ଲୋକଙ୍କୁ ସଚେତନ କରିବା ପାଇଁ ଘରୋଇ ମାଲିକ ଅଳିଆ ଫିଙ୍ଗିଲେ ତାଙ୍କଠାରୁ ୧୦୦ ଟଙ୍କା ଏବଂ ବ୍ୟବସାୟୀ ଅନୁଷ୍ଠାନଠାରୁ ୨୦୦ ଟଙ୍କା ଜରିମାନା ଆଦାୟ କରାଯିବ । ଏ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି କରାଯାଇ ପରିମଳ ନିରୀକ୍ଷକଙ୍କ ଦ୍ୱାରା ଜରିମାନା ଆଦାୟ କରାଯିବ ବୋଲି ନଗର ନିଗମ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଅନ୍ୟ ପକ୍ଷରେ ଜରିମାନା ଆଦାୟ କରିବା ପାଇଁ ୧୫ ଜଣ ସଦସ୍ୟଙ୍କୁ ନେଇ ଏକ ଦଳ ଗଠନ ହେବ । ସମଗ୍ର ୫୯ ୱାର୍ଡରେ ନଗର ନିଗମ ପକ୍ଷରୁ ସଚେତନତା ଶିବିର କରାଯିବାର କାର୍ଯ୍ୟକ୍ରମ ରହିଛି । ରାସ୍ତାରେ ଯେଭଳି ଆବର୍ଜନା ଲୋକେ ନ ଫିଙ୍ଗିବେ ସେଥିପାଇଁ ସେମାନଙ୍କୁ ଅନୁରୋଧ କରାଯିବ । ଘରକୁ ଘର ଆବର୍ଜନା ସଂଗ୍ରହ କରିବାକୁ ଆସୁଥିବା କର୍ମଚାରୀଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟ ଦେବା, ପଲିଥିନ ବ୍ୟବହାର ବର୍ଜନ କରିବା, ପ୍ରତି ଘରେ ଓ ବ୍ୟବସାୟ ପ୍ରତିଷ୍ଠାନରେ ଡଷ୍ଟବିନ୍ ଆଦି ରଖିବାକୁ ସଚେତନ କରାଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସେହିଭଳି ନାଳରେ ବ୍ୟବସାୟୀମାନେ ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ଉଠା ଦୋକାନୀ ଓ ଛୋଟ ହୋଟେଲ ନିଜ ନିଜ ଆବର୍ଜନାକୁ ନାଳରେ ପକାଉ ଥିବାରୁ ବର୍ଜ୍ୟଜଳ ନିଷ୍କାସନ ସହ ବର୍ଷା ଦିନେ ଜଟିଳ ସମସ୍ୟା ସୃଷ୍ଟି କରୁଛି । ଅଧିକାଂଶ ନାଳରେ ପେପର ପ୍ଲେଟ୍, ପ୍ଲାଷ୍ଟିକ ଓ ପେପର ଚା' କପ୍, ପଲିଥିନ୍ ଠାରୁ ଆରମ୍ଭ କରି ଜରି ଜାତୀୟ ପ୍ୟାକେଟ୍ ଖୋଳ ଆଦି ଭାସୁଥିବା ଦେଖିବାକୁ ମିଳୁଛି । ସେମାନେ ଆବର୍ଜନା ପକାଇବା ଦ୍ୱାରା ନାଳ ଅବରୋଧ ହେବାରୁ ବର୍ଜ୍ୟଜଳ ଠିକ ଭାବେ ନିଷ୍କାସିତ ହୋଇପାରୁ ନାହିଁ । ତେଣୁ ଏହାକୁ ହ୍ରାସ କରିବା ପାଇଁ ଜରିମାନା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଜଣାପଡ଼ିଛି । ସିଏମସି କମିଶନର ଅନାମ ଚରଣ ପାତ୍ର କହିଛନ୍ତି ଯେ ଆମେ ଲୋକଙ୍କୁ ପ୍ରଥମେ ସଚେତନ କରୁଛୁ । ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଯେଉଁ ଅମାନିଆମାନେ ଘରକୁ ଗାଡ଼ି ଗଲା ପରେ ଆବର୍ଜନା ନ ଦେଇ ରାସ୍ତାରେ ଫିଙ୍ଗୁଛନ୍ତି ସେମାନଙ୍କ ବିରୋଧରେ ଜରିମାନା କରାଯିବ । ସେହିଭଳି ବ୍ୟାବସାୟିକ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟ ରାସ୍ତାରେ ଅଳିଆ ପକାଇ ପାରିବେ ନାହିଁ । କାଉନସିଲ ଅନୁମୋଦନକ୍ରମେ ଖୁବ୍‌ଶୀଘ୍ର ଜରିମାନା ବ୍ୟବସ୍ଥା କରାଯିବ । ସେହିଭଳି ପ୍ଲାଷ୍ଟିକ ତଥା ପେପର ଚା କପ୍ ଉପରେ କଟକଣା ଜାରି କରାଯାଇଛି ବୋଲି ଶ୍ରୀ ପାତ୍ର କହିବା ସହ ରାସ୍ତାରେ ଆବର୍ଜନା ନ ଫିଙ୍ଗିବାକୁ ସହରବାସୀଙ୍କୁ ଅନୁରୋଧ କରିଛନ୍ତି ।

## ଏସ୍‌ସିବିକୁ ଆସିଲା ସିଟି ସ୍କାନ୍ ମେସିନ୍

**କଟକ,୧୧/୬ ନ୍ୟୁଜ ବ୍ୟୁରୋ**

ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଏସ୍‌ସିବି ମେଡିକାଲ୍‌ର ନିଜସ୍ୱ ସିଟି ସ୍କାନ ମେସିନ୍ ଆସିଛି । ଅତ୍ୟାଧୁନିକ ସୁବିଧା ଥିବା ସିଟି ସ୍କାନ୍ ମେସିନ୍ ଏସ୍‌ସିବିରେ ପହଞ୍ଚିଛି । ଆସନ୍ତା ୩ ଦିନ ଭିତରେ ଏସ୍‌ସିବି ଆଞ୍ଚଳିକ ନିଦାନ କେନ୍ଦ୍ରରେ ଏହାକୁ ସ୍ଥାପନ କରାଯିବ । ଆଟମିକ୍ ଏନର୍ଜି ରେଗୁଲେଟୋରୀ ବୋର୍ଡ (ଏଇଆରବି)ର ଅନୁମତି ମିଳିବା ପରେ ଏଥିରେ ରୋଗୀଙ୍କ ପରୀକ୍ଷା ଆରମ୍ଭ ହେବ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ମିଳିଛି । ପୂର୍ବ ନିଷ୍ପତ୍ତି ଅନୁସାରେ ଆଉ ଗୋଟିଏ ସିଟି ସ୍କାନ୍ ମେସିନ୍, ଗୋଟେ ଏମ୍‌ଆରଆଇ ମେସିନ୍ ଓ ୪ଟି ଅଲଟ୍ରାସାଉଣ୍ଡ ମେସିନ୍ ମଧ୍ୟ ଏସ୍‌ସିବିକୁ ଆସିବ । ମେ ୩୧ ତାରିଖ ସୁଦ୍ଧା ସମସ୍ତ ମେସିନ୍ ଏସ୍‌ସିବିରେ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ତେବେ ବିଭିନ୍ନ କାରଣ ପାଇଁ ଏବେ କେବଳ ଗୋଟିଏ ସିଟି ସ୍କାନ୍ ମେସିନ ଜାପାନରୁ ଆସିଛି । ଅନ୍ୟ ମେସିନ ସବୁ ଖୁବ୍ ଶୀଘ୍ର ଆସିବ ବୋଲି କୁହାଯାଉଛି । କର୍ପୋରେଟ୍ ସୋସିଆଲ୍ ରେସପନସିବିଲିଟି (ସିଏସ୍‌ଆର) ଫଣ୍ଡରୁ ମିଳିଥିବା ୨୩ କୋଟି ଟଙ୍କା ବିନିଯୋଗ କରାଯାଇ ଏହି ମେସିନ କିଣାଯାଇଥିବା ସୂଚନା ମିଳିଛି । ପୂର୍ବ ଭାରତର ଅନ୍ୟତମ ବୃହତ ମେଡିକାଲ୍ କଲେଜ ହୋଇଥିଲେ ମଧ୍ୟ ଏସ୍‌ସିବିରେ ନିଜସ୍ୱ ସିଟି ସ୍କାନ୍ କିମ୍ବା ଏମ୍‌ଆରଆଇ ମେସିନ୍ ନାହିଁ । ପୂର୍ବରୁ ଥିବା ଏକ ପୁରୁଣା ସିଟି ମେସିନ୍ ଅଚଳ ହୋଇପଡ଼ିବାରୁ ଘରୋଇ-ସରକାରୀ ସହଭାଗିତା (ପିପିପି)ମୋଡରେ ଉଭୟ ସିଟି ସ୍କାନ୍ ଓ ଏମ୍‌ଆରଆଇ ସ୍ଥାପନ କରାଯାଇ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରାଯାଉଛି । ଏଥିପାଇଁ ରୋଗୀଙ୍କୁ କୌଣସି ଦେୟ ଦେବାକୁ ପଡୁନଥିଲେ ମଧ୍ୟ ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥା ହାତରେ ଥିବାରୁ ସେମାନେ ମନମୁଖୀ ଭାବେ କାମ କରିବା ସହ ରିପୋର୍ଟ ଦେବାରେ ଅବହେଳା କରୁଛନ୍ତି । ରୋଗୀମାନେ ରିପୋର୍ଟ ପାଇବା ପାଇଁ ଦୁଇ ଦିନ ଅପେକ୍ଷାରେ ରହୁଛନ୍ତି । କେବଳ ସେତିକି ନୁହେଁ, ଗୋଟିଏ ସିଟି ସ୍କାନ୍ ରହିଥିବାରୁ ପରୀକ୍ଷା ପାଇଁ ଦିନରାତି ଲୋକଙ୍କ ଧାଡ଼ି ଲାଗି ରହୁଛି । ସିଟି ସ୍କାନ୍ କରିବା ପାଇଁ ଦିନକୁ ଦୁଇ ଶହରୁ ଅଧିକ ରୋଗୀ ଆସୁଥିବା ବେଳେ ପରୀକ୍ଷା ସୁବିଧା ମାତ୍ର ୫୦ ଜଣ ପାଉଛନ୍ତି । ଅନ୍ୟ ରୋଗୀ ସିଟି ସ୍କାନ୍ କରାଇ ନ ପାରି ନିରାଶ ହୋଇ ଫେରୁଛନ୍ତି ।